୬ ସାବାଲେଙ୍କାଙ୍କୁ ପଛରେ ପକାଇ ଜିତିଲେ ପ୍ରଥମ ଅଷ୍ଟ୍ରେଲିଆନ ଓପନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୩ ● ସଂଖ୍ୟା–୭ ● ୨ ଫେବୃଆରୀ ୨୦୨୬, ସୋମବାର ● ଭୁବନେଶ୍ୱର ● Vol -33 ● Issue-7 ● 2nd February 2026, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବଜେଟ୍ ୨୦୨୬-୨୭



## ୫୩.୫୪ ଲକ୍ଷ କୋଟିର ବ୍ୟୟବରାଦ

# ବଜେଟ୍‌ରେ ବିକଶିତ ଭାରତର ବ୍ଲୁ ପ୍ରିଣ୍ଟ

**ନୂଆଦିଲ୍ଲୀ, ୧ା୨**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରଥମ ଥର ପାଇଁ ରବିବାର ସଂସଦରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିଛନ୍ତି। ଦେଶକୁ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି କରିବା ଲକ୍ଷ୍ୟ ନେଇ ବଜେଟରେ ଭିତ୍ତିଭୂମିର ବିକାଶକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ରକୁ ଫୋକସ କରାଯାଇଥିବା ବେଳେ ଏମ୍‌ଏସ୍‌ଏମ୍‌ଇକୁ ପ୍ରୋତ୍ସାହନ ଦିଆଯାଇଛି। ଅନୁରୂପ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କ୍ରୀଡା ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଚାଷୀ, ମହିଳା, ମତ୍ସ୍ୟଜୀବୀ, ବୁଣାକାର, ଯୁବ ବର୍ଗ, ଛୋଟ ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବ୍ୟୟବରାଦ କରାଯାଇଛି ।

ବିଧି ଓ ପରମ୍ପରା ଅନୁସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ପରେ ଅର୍ଥମନ୍ତ୍ରୀ ସୀତାରମଣ ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି । ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବଜେଟ୍‌ରେ ମୋଟ୍ ୫୩ ଲକ୍ଷ ୪୭ ହଜାର ୩୧୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ଏଥିରେ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଦେଶର ଗାଁ, ଗରିବ, ମହିଳା ଓ ଚାଷୀ ଅଛନ୍ତି ବୋଲି ବାର୍ତ୍ତା ଦେବାକୁ ସୀତାରମଣ ତାଙ୍କ ବଜେଟ୍‌ରେ ଭରପୂର ପ୍ରୟାସ କରିଛନ୍ତି । ସେ କହିଛନ୍ତି, ଲୋକଙ୍କ ଆଶା ପୂରଣ କରିବା ଏବଂ ସେମାନଙ୍କୁ ଦେଶର ବିକାଶରେ ଅଂଶଗ୍ରହଣ କରାଇ ସଶକ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

ମହିଳାଙ୍କ ବିକାଶ ପାଇଁ ବଜେଟରେ ରହିଛି ସ୍ୱତନ୍ତ୍ର ବ୍ୟବସ୍ଥା । ଦେଶ ଜନସଂଖ୍ୟାର ଅଧା ଭାଗ ମହିଳା ହୋଇଥିବାରୁ ସେମାନଙ୍କୁ ଖୁସ୍ କରିବା ଲାଗି ବଜେଟ୍‌ରେ ଭରପୂର ଉଦ୍ୟମ କରିଛନ୍ତି ଅର୍ଥମନ୍ତ୍ରୀ। ମହିଳାଙ୍କୁ ଉଦ୍ୟୋଗୀ ଏବଂ ଆତ୍ମନିର୍ଭରଶୀଳ କରିବା ପାଇଁ ସି ମାର୍ଟ ଯୋଜନା କରାଯାଇଛି । ଏହା ସେମାନଙ୍କୁ ଷ୍ଟୋରରୁମ୍ ଏବଂ ସୁପରଷ୍ଟୋର ଭଳି ବ୍ୟବସାୟ ଖୋଲିବାରେ *(ପୃଷ୍ଠା ୭ରେ)*

## ସଂକ୍ଷେପରେ ବଜେଟ୍

- ପ୍ରମୁଖ କ୍ଷେତ୍ର ପାଇଁ ବ୍ୟୟବରାଦ
- ପରିବହନ ବିଭାଗ ପାଇଁ ସର୍ବାଧିକ ୫ ଲକ୍ଷ ୯୮ ହଜାର ୫୨୦ କୋଟି
- ପ୍ରତିରକ୍ଷା ବିଭାଗ ପାଇଁ ୫ ଲକ୍ଷ ୯୪ ହଜାର ୫୮୫ କୋଟି
- ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ୨ ଲକ୍ଷ ୭୩ ହଜାର ୧୦୮ କୋଟି
- କୃଷି ବିଭାଗ ପାଇଁ ୧ ଲକ୍ଷ ୬୨ ହଜାର ୬୭୧ କୋଟି
- ସ୍ୱାସ୍ଥ୍ୟ ପାଇଁ ୧ ଲକ୍ଷ ୪ ହଜାର କୋଟି
- ଗୃହ ବିଭାଗ ପାଇଁ ୨ ଲକ୍ଷ ୫୫ ହଜାର କୋଟି
- ଶକ୍ତି ବିଭାଗ ପାଇଁ ୧ ଲକ୍ଷ ୯ ହଜାର ୨୧ କୋଟି
- ଉତ୍ତର ପୂର୍ବାଞ୍ଚଳ ବିକାଶ ପାଇଁ ୬୮୧୨ କୋଟି
- ଟିକସ ବାବଦ ବ୍ୟୟବରାଦ ୪୫ ହଜାର ୫ ଶହ *(ପୃଷ୍ଠା ୭ରେ)*

### ଶସ୍ତା

ମେଡିସିନି (କର୍କଟ ଓ ମଧୁମେହ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରୋଗପାଇଁ ଔଷଧ) ସ୍ମାର୍ଟ ଫୋନ୍, ଇଭି ବ୍ୟାଟେରୀ, ମାଇକ୍ରୋଓଭେନ୍, ଚମଡାଜାତ ସାମଗ୍ରୀ, ବାୟୋ ସିଏନ୍‌ଜି, କ୍ରିଡା ଉପକରଣ, ସି ଫୁଡ୍ ଓ କପଡା।

### ମହଙ୍ଗା

ଦାମୀ ଗାଡି, ସିଗାରେଟ୍, ପାନମସଲା, ତମାଖୁ, ବିଦେଶୀ ଫରଫ୍ୟୁମ୍, ବିଳାସପୂର୍ଣ୍ଣ ଘଣ୍ଟା, ସାଉଣ୍ଡ ରେକର୍ଡିଂ ମେସିନ।

## ବଜେଟ୍‌କୁ ଐତିହାସିକ କହିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧ା୨**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଗାତର ନବମଥର ପାଇଁ ସଂସଦରେ ଉପସ୍ଥାପନ କରିଥିବା ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି। ଏହି ବଜେଟ୍ ୨୦୪୭ ବିକଶିତ ଭାରତର ମଜଭୁତ ଆଧାର ହେବ ବୋଲି ଦର୍ଶାଇ ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି ବୋଲି କହିଛନ୍ତି। ସେ କହିଛନ୍ତି ଆମେ ସବୁଠାରୁ ଦ୍ରୁତ ଗତିରେ ଅଭିବୃଦ୍ଧିଶୀଳ ଅର୍ଥନୀତି ହେବାରେ ସନ୍ତୁଷ୍ଟ ନୁହଁ ବରଂ, ଆମେ ଯଥାଶୀଘ୍ର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଚାହୁଁଛୁ। ଏହି ବଜେଟ୍ ହେଉଛି ବିଶାଳ ସୁଯୋଗର ଏକ ରାଜପଥ। ଏହା ବର୍ତ୍ତମାନର ସ୍ୱପ୍ନକୁ ସାକାର କରେ। ଏହି ବଜେଟ୍ ଭାରତ ଯେଉଁ ସଂସ୍କାର ଆରମ୍ଭ କରୁଛି ତାହାକୁ ନୂତନ ପ୍ରେରଣା ଦେବ। ୟୁରୋପୀୟ ସଂଘ ସହିତ ହୋଇଥିବା ଚୁକ୍ତିରୁ ଭାରତର ଯୁବପିଢ଼ି ଯେପରି ଲାଭ *(ପୃଷ୍ଠା ୭ରେ)*

## କେନ୍ଦ୍ର ବଜେଟ୍‌ରେ ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧ା୨ : ନ୍ୟୁଜ୍ ବ୍ୟୁରୋ**

ରବିବାର ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୬-୨୭ ବର୍ଷ ପାଇଁ ଉପସ୍ଥାପନ କରିଥିବା କେନ୍ଦ୍ର ବଜେଟ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିବା ସହ କହିଛନ୍ତି ଏହି ବଜେଟ୍ ଏକ ଅଭିବୃଦ୍ଧି ମୂଳକ ବଜେଟ୍। ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଯୁବ ଶକ୍ତିର ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି। ଏଥିରେ ଅସ୍ୱଷ୍ଟତା ବଦଳରେ ସ୍ୱଷ୍ଟ କାର୍ଯ୍ୟନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ବିଭିନ୍ନ କ୍ଷେତ୍ରରେ ଯୁବକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କ ମଧ୍ୟରେ ବିଶ୍ୱ ସ୍ତରରେ ପ୍ରତିଯୋଗିତା କରିବା ଭଳି ଦକ୍ଷତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ଫଳରେ *(ପୃଷ୍ଠା ୭ରେ)*

## ବଜେଟ୍‌କୁ ବିରୋଧୀଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୧ା୨**

ରବିବାର ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ସଂସଦରେ ବଜେଟ୍ ଉପସ୍ଥାପନାରେ 'ଭାରତର ପ୍ରକୃତ ସଙ୍କଟ ପ୍ରତି ଆଖି ବୁଜି ଦିଆଯାଇଥିବା' ଏବଂ ଖର୍ଚ୍ଚ ପ୍ରାଥମିକତା ଉପରେ ସ୍ୱଷ୍ଟତାର ଅଭାବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ, ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆଗତ ବଜେଟ୍‌ରେ କିଛି ନାହିଁ। ଏଥିରେ ଭାରତର ସଂକଟ ପ୍ରତି ଆଖି ବୁଜି ଦିଆଯାଇଛି। ଯୁବକମାନଙ୍କ ପାଖରେ ନିଯୁକ୍ତି ନାହିଁ। ଉତ୍ପାଦନ ହ୍ରାସ ପାଉଛି। ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି। ଘରୋଇ ସଞ୍ଚୟ ହ୍ରାସ ପାଉଛି। ଚାଷୀ ଅସୁବିଧାରେ ଅଛି। ଆସୁଥିବା ବିଶ୍ୱ ଝଟକା - ସବୁକିଛିକୁ ଅଣଦେଖା କରାଯାଇଛି। ଏହା ଏକ ବଜେଟ୍ ଯେଉଁଥିରେ ଭାରତର ପ୍ରକୃତ ସଙ୍କଟ ପ୍ରତି ଅଣଦେଖା କରାଯାଇଛି ବୋଲି ସେ କହିଛନ୍ତି।

## କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା

**ନୂଆଦିଲ୍ଲୀ, ୧ା୨**

କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରଣମ ରବିବାର ସଂସଦରେ ଆଗତ କରିଥିବା ୨୦୨୬-୨୭ ଆର୍ଥିକ ବର୍ଷର ସାଧାରଣ ବଜେଟରେ ଓଡ଼ିଶା ସମେତ ପୂର୍ବ ଭାରତ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଭଳି ଖଣିଜ ସମୃଦ୍ଧ ରାଜ୍ୟରେ ସ୍ୱତନ୍ତ୍ର ବିରଳ ମୃତ୍ତିକା କରିଡର ପ୍ରତିଷ୍ଠା କରାଯିବ। ଏହା ବିରଳ ମୃତ୍ତିକାର ଖନନ, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନକୁ ପ୍ରୋତ୍ସାହନ ଦେବ ।

ଦେଶରେ ୨୦ଟି ନୂଆ ଜାତୀୟ ଜଳମାର୍ଗ ବିକଶିତ କରିବାକୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ଏଥିମଧ୍ୟରୁ ଓଡ଼ିଶାରେ ଜାତୀୟ ଜଳ ମାର୍ଗ-୫ ନିର୍ମାଣ କରାଯିବ। ଏହି ଜଳମାର୍ଗ ତାଳଚେର ଏବଂ ଅନୁଗୁଳର ଖଣି ସମୃଦ୍ଧ କ୍ଷେତ୍ରକୁ କଳିଙ୍ଗ ନଗର ସହିତ ପାରାଦୀପ ଓ ଧାମରା ବନ୍ଦରକୁ ଯୋଡ଼ିବ । ଏଥିପାଇଁ ଆବଶ୍ୟକ ମାନବ ସମ୍ବଳ ବିକାଶ ଲାଗି ତାଲିମ ଅନୁଷ୍ଠାନଗୁଡ଼ିକୁ ଆଞ୍ଚଳିକ ଉତ୍କର୍ଷ କେନ୍ଦ୍ର ରୂପେ ବିକଶିତ କରାଯିବ। ଏହାବ୍ୟତୀତ ବାରଣାସୀ ଏବଂ ପାଟନାରେ ଅନ୍ତର୍ଦେଶୀୟ ଜଳ ମାର୍ଗ ନିମନ୍ତେ ଜାହାଜ ମରାମତି ଶିଳ୍ପ କେନ୍ଦ୍ର ନିର୍ମାଣ କରାଯିବ। ଉପକୂଳ କାର୍ଗୋ ପ୍ରୋତ୍ସାହନ ଯୋଜନା ଦ୍ୱାରା ମଧ୍ୟ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ଲାଭାନ୍ୱିତ ହେବେ। ଏହା ଅନ୍ତର୍ଦେଶୀୟ ଜଳମାର୍ଗ ଏବଂ ଉପକୂଳ ଜାହାଜ ଚଳାଚଳକୁ ବଢ଼ାଇବ।

ଓଡ଼ିଶା ସମେତ କର୍ଣ୍ଣାଟକ ଏବଂ କେରଳର ଉପକୂଳବର୍ତ୍ତୀ କ୍ଷେତ୍ରରେ ଟର୍ଟଲ୍ କଇଁଛ ସୁରକ୍ଷା ସ୍ଥଳୀଗୁଡିକୁ ବିକଶିତ କରାଯିବ। ଏହା *(ପୃଷ୍ଠା ୭ରେ)*

## ରେଳ ବିଭାଗ ପାଇଁ ୨.୭୮ ଲକ୍ଷ କୋଟିର ବ୍ୟୟବରାଦ

**ନୂଆଦିଲ୍ଲୀ, ୧ା୨**

୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ଭାରତୀୟ ରେଳବାଇକୁ ମିଳିଛି ରେକର୍ଡ ପରିମାଣର ଅନୁଦାନ। କେନ୍ଦ୍ର ସରକାର ରେଳ ବିଭାଗକୁ ଦେଇଛନ୍ତି ୨.୭୮ ଲକ୍ଷ କୋଟି ଟଙ୍କା। ପୂର୍ବରୁ କୌଣସି ବଜେଟରେ ରେଳ ବିଭାଗକୁ ଏତେ ପରିମାଣର ଅନୁଦାନ ମିଳି ନଥିଲା।

ରେଳ ଭିତ୍ତିଭୂମିକୁ ସୁଦୃଢ଼ କରି ଅର୍ଥନୀତିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା, ଲଜିଷ୍ଟିକ କ୍ଷମତାକୁ ବୃଦ୍ଧି କରିବା ଓ ନିଯୁକ୍ତି ସୁଯୋଗକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଏତେ ପରିମାଣର ବ୍ୟୟବରାଦ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷରେ ଭାରତୀୟ ରେଳ ବିଭାଗକୁ ମୋଟ ୨.୫୫ ଲକ୍ଷ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହା ମଧ୍ୟରେ ପୁଞ୍ଜିଗତ ବ୍ୟୟର ପରିମାଣର ୨.୫୨ ଲକ୍ଷ କୋଟି ଥିଲା। ୨୦୨୭ ଆର୍ଥିକ ବର୍ଷ ପାଇଁ ପୁଞ୍ଜିଗତ ଖର୍ଚ୍ଚକୁ ୨.୭୮ ଲକ୍ଷ କୋଟି କରାଯାଇଛି। ସେହିପରି ମୋଟ ଉପରେ ରେଳବାଇ ଭିତ୍ତିଭୂମି ପାଇଁ ୨.୯୨ ଲକ୍ଷ କୋଟିର ବ୍ୟବସ୍ଥା ହୋଇଛି।

ରେଳ ବିଭାଗକୁ ଅନୁଦାନ ମିଳିବା ପରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ "ଚେନ୍ନାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ମିଳିତ ଭାବେ ଗୋଟିଏ ହାଇସ୍ପିଡ ଟ୍ରାଙ୍ଗେଲ କିମ୍ବା ଦକ୍ଷିଣ ହାଇସ୍ପିଡ ଡାଇମଣ୍ଡରେ ପରିଣତ ହେବ। ଏହା ସମସ୍ତ ୫ ଦକ୍ଷିଣ ଭାରତୀୟ ରାଜ୍ୟ- କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ର, ତାମିଲନାଡୁ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀର ମେରୁଦଣ୍ଡ ଭାବେ ଉଭା ହେବ। *(ପୃଷ୍ଠା ୭ରେ)*







# ଜୟ ଜଗନ୍ନାଥ ମହୋତ୍ସବ: ସେବକଙ୍କ ହାତରେ ମହାପ୍ରଭୁ ପଠାଇଦେଲେ ଖଣ୍ଡୁଆପାଟ

**ଯାଜପୁର, ନ୍ୟୁଜ ବ୍ୟୁରୋ**

'ସେ ତ ଭକତ ଭାବରେ ବନ୍ଧାରେ ସେ ତ ଭକତ ଜୀବନ ଧନ'। ଏହା କେବଳ ଗୋଟିଏଭଜନ ଭିତରେ ସୀମିତ ନୁହେଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତଙ୍କ ଏହା ହୃଦୟର ଆସ୍ଥା ଓ ବିଶ୍ୱାସର ଭାଶା। ଏହି ଆସ୍ଥା ଓ ବିଶ୍ୱାସ ଅଧାରରେ ଯାଜପୁର ଜିଲ୍ଲା ଧର୍ମଶାଳାବ୍ଲକ ଅନ୍ତର୍ଗତ ଭୁବନପୁର ଗ୍ରାମରେ ଅନୁଷ୍ଠିତ ହେଉଥିବା ଜୟ ଜଗନ୍ନାଥ ମହୋତ୍ସବରେ ଘଣ୍ଟ ସେବକଙ୍କ ଜରିଆରେ ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ପାଟ ପହଂଚିଥିଲା। ଶ୍ରୀମନ୍ଦିରର ଘୋଷ ଯାତ୍ରାରେ ଭଞ୍ଜମୁଣ୍ଡାର ଘଂଟ ବାଦ୍ୟ ଏକ ପ୍ରମୁଖ ଓ ପ୍ରଧାନ ସେବା। ଏହି ଘଣ୍ଟବାଦ୍ୟ ଦଳରମୁଣ୍ଡରେ ପଗଡି ବନ୍ଧା ହେଲେ ଆରମ୍ଭ ହୁଏ ମହାପ୍ରଭୁଙ୍କ ପହଣ୍ଡି ବିଜେ। ଏହି ଘଣ୍ଟ ସେବକମାନେ ଯାଜପୁରଜିଲ୍ଲା ଧର୍ମଶାଳାର ଭୁବନପୁରରେ ଅନୁଷ୍ଠିତ ହେଉଥିବା ଜୟ ଜଗନ୍ନାଥ ମହୋତ୍ସବରେ ପହଂଚି ମହୋତ୍ସବର ଆବାହକ ସତୀଶ ବିଶ୍ୱାଳଙ୍କୁ ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆପାଟ ପ୍ରଦାନ କରିଥିଲେ।ଏହା ସହ ଏଠାରେ ପୂଜା ପାଉଥିବା ପରମ ଆରାଧ ଦେବ ଶ୍ରୀ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ପାଇଁଘଂଟ ଦାନ କରିଥିଲେ। ଜୟ ଜଗନ୍ନାଥ ମହୋତ୍ସବ କମିଟିର ସଭ୍ୟମାନଙ୍କୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ସାମଗ୍ରୀ ଓ ମହାପ୍ରସାଦ,ଭୋଗ ଦାନ କରିଥିଲେ। ଏଥିରେ ମହାପ୍ରଭୁଙ୍କ ଘଂଟ ସେବକମାନେ କହିଥିଲେ ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଜୟ ଜଗନ୍ନାଥ ମହୋତ୍ସବ ଗୋଟିଏ ଦୃଷ୍ଟା'ଯୋଗ୍ୟ ଆଧାତ୍ମିକ କାର୍ଯ୍ୟକ୍ରମ। ଗ୍ରାମାଂଚଳରେ ଏଭଳି ଧାର୍ମିକ କାର୍ଯ୍ୟ ସଂସ୍ପର୍ଶରେ ଆସୁଥିବା ପ୍ରତ୍ୟେକ ମଣିଷ ଉପରେ ସକାରାତ୍ମକ ପ୍ରଭାବ ପଡିଥାଏ। ଆବାହକ ସତୀଶ ବିଶ୍ୱାଳଘଂଟସେବା ଅନୁଷ୍ଠାନ ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ସତୀଶ କହିଥିଲେ ଯେ, ମୋ ପରି ମହାପ୍ରଭୁଙ୍କ ଦାସାନୁଦାସ ତଥା ଏକ ଛୋଟିଆ ମଣିଷ ଘଂଟବାଦ୍ୟ ଅନୁଷ୍ଠାନ ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତାବ ମୋତେ ଧନ୍ୟ କରିଛି। ମହାପ୍ରଭୁଙ୍କ ଏ ଅଦ୍ଭୁତ ଲୀଳା ଆମ ପରି ଭକତମାନଙ୍କ ପାଇଁ କେବଳ, ଭକତ ଭାବରେ ଭଗବାନ ବନ୍ଧାର ଆଉ ଏକ ଅପୂର୍ବ ଦୃଷ୍ଟା' ମାତ୍ର। ଏହି ଅବସର ରେକବିଡ. ଚନ୍ଦ୍ରକଳା ନାୟକଙ୍କ କବିତା ସଂକଳନ 'ପ୍ରଥମ ପ୍ରେମ' ଘଂଟ ସେବକମାନଙ୍କୁ ପ୍ରଦାନ କରାଯାଇ ଥିଲା। ଘଂଟ ସେବକମାନେ ସଂକଳନକୁ ପୁନଶ୍ଚ ଲୋକାର୍ପିତକରି ଏହାର ସଫଳତା କାମନା କରିଥିଲେ। ଘଂଟ ସେବକଙ୍କ ଏହି ପ୍ରତିନିଧି ଦଳରେ ଅନୁଷ୍ଠାନର ସଂପାଦକ ଚକ୍ରଧର ସାହୁ, ତ୍ରିଲୋଚନ ସାହୁ, ବଳରାମ ସାହୁ, ତପନ କୁମାର ସାହୁ, ପ୍ରକାଶ ସାହୁ, ବସ' ସାହୁ, ବଳରାମସାହୁ, ମିଟୁସାହୁ ପ୍ରମୁଖଯୋଗ ଦେଇଥିଲେ। ଜୟ ଜଗନ୍ନାଥ ମହୋତ୍ସବ କମିଟି ତରଫରୁ ସର୍ବଶ୍ରୀ ସୁଧାଂଶୁ ବିଶ୍ୱାଳ, ଅଶୋକ ନାୟକ, ମାନସ ରଂଜନ ବିଶ୍ୱାଳ, ବିଚିତ୍ରା ନନ୍ଦ ବିଶ୍ୱାଳ, ଶୁଭମ ବିଶ୍ୱାଳ, ଜ୍ୟୋତି ରଂଜନ ବିଶ୍ୱାଳ ପ୍ରମୁଖ ଘଣ୍ଟ ବାଦ୍ୟ ଦଳକୁ ସ୍ୱାଗତ କରିଥିଲେ।



# ମହାତ୍ମାଗାନ୍ଧୀଙ୍କ ୭୮ତମ ଶ୍ରାଦ୍ଧୋତ୍ସବ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ଚିନ୍ତାମଣୀ ଗୁରୁଜୀ ଓ ରୁକ୍ମଣୀ ଦେବୀ ସ୍ମାରକୀ ନ୍ୟାସ ଓ ମହାତ୍ମାଗାନ୍ଧୀ ସ୍ମୃତି ପରିଷଦ ପକ୍ଷରୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୭୮ତମ ତିରୋଧାନ ଦିବସ ରଂଜନ କୁମାର ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀଙ୍କ ପଦଯାତ୍ରା ସମୟରେ କେନ୍ଦ୍ରାପଡା ରେ ରହଣୀ ସ୍ଥାନ ସଲାର ମଠ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ ଓ ରାମଧୂନ ଗାନ କରା ଯାଇଥିଲା। ସ୍ମାରକୀ ନ୍ୟାସର ସଂପାଦକ ଭ୍ରମର ରାଉତ, ପରିଷଦର ସଂପାଦକ ସୁବୋଧ କୁମାର ପରିଡା ପ୍ରମୁଖ ମହାତ୍ମାଗାନ୍ଧୀଙ୍କ ଜୀବନୀ ଉପରେ ଆଲୋଚନା କରବା ସହ ଛାତ୍ରଛାତ୍ରୀଙ୍କୁ ମହାତ୍ମାଗାନ୍ଧୀଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ରେ ସଂଜିତ ପରିଡା, ମନିନ୍ଦ୍ର ପଲେଇ, ପ୍ରତିରଂଜନ ପରିଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ଜିଲ୍ଲାସ୍ତରୀୟ ସ୍କାଉଟସ୍ ଓ ଗାଇଡ଼ସ୍ କ୍ୟାମ୍ପୋରୀ-୨୦୨୬ ଉଦ୍‌ଘାଟିତ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**




କଟକ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟସ୍ ଆଣ୍ଡ ଗାଇଡ଼ସ୍ କ୍ୟାମ୍ପୋରୀ-୨୦୨୬ ଚୌଦ୍ୱାରରେ ଉଦ୍‌ଘାଟିତ ହୋଇ ଯାଇଛି । ସ୍ଥାନୀୟ ପିଏମ୍‌ଶ୍ରୀ ଓଟିଏମ୍ ସରକାରୀ ହାଇସ୍କୁଲରେ ସ୍କାଉଟସ୍ କମିଶନର ଅଶୋକ ମହାପାତ୍ରଙ୍କ ପୌରୋହିତ୍ୟର ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ଜାଇୟର୍ସ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ପ୍ରଭୁ ଚରଣ ମହାନ୍ତି ଅତିଥି ଭାବେ ଯୋଗଦେଇ ସ୍କାଉଟ ଓ ଗାଇଡ଼ର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି ସାମ୍ପ୍ରତିକ ସମାଜ ପ୍ରତି କ୍ୟାଡ଼େଟ ମାନଙ୍କର ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ କୁମାର ନାୟକ, ଡିଓସି ପ୍ରଦୀପ୍ତ କୁମାର ମହାନ୍ତି, ଡିଟିସି ସରୋଜିନୀ ସାହୁ , ଓଟିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ସୌଦାମିନୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଅଶୋକ କୁମାର ଧଳ ସ୍ୱାଗତ ଭାଷଣ ଓ ନିରୂପମା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁବାର ଦିନରୁ ଆରମ୍ଭ ହୋଇଥିବା ଏହି ତ୍ରିଦିବସୀୟ କ୍ୟାମ୍ପୋରୀରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୮ଶହରୁ ଉର୍ଦ୍ଧ ସ୍କାଉଟସ୍, ଗାଇଡ଼ସ୍, ସ୍କାଉଟ ମାଷ୍ଟର ଗାଇଡ଼ କ୍ୟାପ୍ଟେନ୍, ରୋଭର ଓ ରେଞ୍ଜର ଅଂଶ ଗ୍ରହଣ କରିଛନ୍ତି । କନ୍ଦ୍ରେଇପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମେଘମାଳା ବିଶ୍ୱାଳ ଓ ନିଗମାନନ୍ଦ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା ପ୍ରଧାନ କ୍ୟାମ୍ପ ପରିଚାଳନା କରିଥିଲେ ।

# ବୌଦ୍ଧରେ ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମ




**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲ୍ୟ ବିବାହ ନିରାକରଣ ଓ ଶିଶୁ ସୁରକ୍ଷା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶିଶୁ ସୁରକ୍ଷା ପାଇଁ ଥିବା ବିଭିନ୍ନ ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ହିତାଧିକାରୀ ମାନଙ୍କ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ନାୟକ ସମୀକ୍ଷା କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

# ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ପାଠ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**



ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ବନ୍ଧାପଥରସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପ ଠାରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ମାସିକ ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ଏକାଡେମୀର ସଭାପତି ତଥା ଶିଶୁ ସାହିତ୍ୟିକ ଓ ସ୍ତମ୍ଭକାର ଧ୍ରୁବ ଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ପାୟତ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ପ୍ରତାପ କୁମାର ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ମଧୁସୁଦନ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜଗନ୍ନାଥ ସାହିତ୍ୟ ଉପରେ ମୁଖ୍ୟଅତିଥି ଶ୍ରୀ ରଥ ଆଲୋଚନା କରିଥିବାବେଳେ ସାହିତ୍ୟ ବିଷୟ ଶିକ୍ଷକ ଭାବରେ ନିଜର ଅନୁଭୂତିକୁ ସମ୍ମାନୀତ ଅତିଥି ଶ୍ରୀ ପ୍ରଧାନ ଉପସ୍ଥାପନା କରିଥିଲେ । ସାହିତ୍ୟର ବିଭିନ୍ନ ବିଭାଗରେ ନିୟମିତ ଲେଖିବା ସହ ସାହିତ୍ୟର ସେବକ ହେବାକୁ ଉପସ୍ଥିତ କବି ଓ ଲେଖକ ମାନଙ୍କୁ ସଭାପତି ଶ୍ରୀ ଘିବେଲା ଆହ୍ୱାନ କରିଥିଲେ । କବି ରାଧାମୋହନ ମହାଣା, ଟଙ୍କଧର ସାହୁ, ତପନ ନାୟକ, କାର୍ତ୍ତିକେଶ୍ୱର ନାୟକ, ନାଦୁଲେନ୍ଦୁ ମହାନ୍ତି, ଶୁକଦେବ ପ୍ରଧାନ, ରଶ୍ମିତା ବେହେରା, ବାଂଛାନିଧି ହୋତା, ଦିଲ୍ଲୀପ ପ୍ରଧାନ, ଅନିତା ପ୍ରଧାନ, ରାଜକୁମାର ପ୍ରଧାନ, ପ୍ରତାପ କୁମାର ରଥ, ଧ୍ରୁବ ଚରଣ ଘିବେଲା, ଉଦିତ କୁମାର ରାଉଳ, ରିତ କୁମାର ରାଉତ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ କବିତା ପାଠ କରିଥିଲେ । ସମ୍ପାଦକ ରାଧାମୋହନ ମାହାଣା ପ୍ରାରମ୍ଭିକ ସୂଚନା ଦେଇଥିଲେ । କାର୍ତ୍ତିକେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ଶେଷରେ ପ୍ରସାଦ ସେବନ କରାଯାଇଥିଲା ।

# ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଗାଇସିଲେଟ, ନ୍ୟୁଜ ବ୍ୟୁରୋ**

ସଡ଼କ ଦୁର୍ଘଟଣା କମେଇବା ଓ ସାଧାରଣ ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗାଇସିଲେଟ ପୋଲିସ ପକ୍ଷରୁ ଆଜି ଏକ ସଡ଼କ ସୁରକ୍ଷା ଜୀବନ ରକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ସ୍ଥାନୀୟ ବସଷ୍ଟାଣ୍ଡ ଓ ମୁଖ୍ୟ ସଡ଼କ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୋଲିସ କର୍ମଚାରୀମାନେ ଦୁଇଚକିଆ ଓ ଚାରିଚକିଆ ଚାଳକଙ୍କୁ ସଡ଼କ ନିୟମ ବିଷୟରେ ସଚେତନ କରାଇଥିଲେ। ହେଲମେଟ ଓ ସିଟ୍‌ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ି ଚଳାନା ନ କରିବା, ଗତିସୀମା ମାନିବା, ମୋବାଇଲ ବ୍ୟବହାର କରି ଗାଡ଼ି ଚଳାଇବାରୁ ବିରତ ରହିବା ପରି ବିଷୟରେ ଚାଳକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହା ସହ ଟ୍ରାଫିକ ଚିହ୍ନ ଓ ସିଗ୍ନାଲର ଗୁରୁତ୍ୱ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା। ଥାନାଧିକାରୀ ଏମ.ମିଞ୍ଜ ସଡ଼କ ସୁରକ୍ଷା କେବଳ ପୋଲିସର ଦାୟିତ୍ୱ ନୁହେଁ, ସାଧାରଣ ଲୋକଙ୍କ ସହଯୋଗ ହେଲେ ହିଁ ଦୁର୍ଘଟଣା ରୋକାଯାଇ ପାରିବ ବୋଲି କହିବା ସହିତ ହେଲମେଟ ପିନ୍ଧିଥିବା ଲୋକମାନଙ୍କୁ ଗୋଲାପ ଫୁଲ ଓ ଚକଲେଟ ଦେଇ ଉତ୍ସାହିତ କରିଥିଲେ । ତେବେ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକମାନେ ସ୍ୱାଗତ କରିଥିବା ସହ ଆଗାମୀ ଦିନରେ ମଧ୍ୟ ଏପରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପୋଲିସ ବିଭାଗକୁ ଅନୁରୋଧ କରିଥିଲେ ।




# କୃଷ୍ଠ ରୋଗୀଙ୍କୁ ମର୍ଯ୍ୟାଦାର ସହ ଆପଣେଇବା ପାଇଁ ଶପଥ ପାଠ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**




ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁଷ୍ଠ ନିବାରଣ ଦିବସ ପାଳନ ସହିତ 'ସ୍ପର୍ଶ' କୁଷ୍ଠ ସଚେତନତା ଅଭିଯାନର ଶୁଭାରମ୍ଭ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ପରିସରରେ ପାଳିତ ହୋଇ ଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଆୟୋଜିତ ଏହି କାର୍ଯକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡାକ୍ତର ରଞ୍ଜନ କୁମାର ପଟ୍ଟନାୟକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ସରୋଜ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ପ୍ରମୋଦ କୁମାର ବାରିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ରଶ୍ମୀରଞ୍ଜନ ପଟ୍ଟନାୟକ ଓ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିରାକରଣ) ଡାକ୍ତର ବାସନ୍ତୀ ପାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ, ଏହି ଦିବସର ବାର୍ତ୍ତା "ଅନ୍ତ ଭେଦଭାବର, ସୁରକ୍ଷା ମର୍ଯ୍ୟାଦାର" ଓ କୁଷ୍ଠ ନିରାକରଣ ତଥା ସଚେତନତା ବିଷୟରେ ଆଲୋଚନା କରିଥିଲେ । କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ ଏବଂ ଏହାର ଚିକିତ୍ସା ଓ ଚିହ୍ନଟ ସୁବିଧା ସମସ୍ତ ସରକାରୀ ଡାକ୍ତରଖାନାରେ ମାଗଣାରେ ଉପଲବ୍ଧ। ଏହାର ଅନ୍ତର୍ଗତ ଗୋଷ୍ଠୀ ସ୍ତରରେ କୁଷ୍ଠ ସଚେତନତା ଅଭିଯାନ ତା ୩୦-୦୧-୨୦୨୬ ଠାରୁ ୧୩-୦୨-୨୦୨୬ ପର୍ଯ୍ୟନ୍ତ ପାଳନ କରାଯିବ । ଏହି ଅବସରରେ ଭେଦଭାବ ଦୂରକରି କୁଷ୍ଠ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ମର୍ଯ୍ୟାଦାର ସହିତ ଆପଣେଇବା ପାଇଁ ଏକ ଶପଥ ପାଠ ମଧ୍ୟ କରାଯାଇଥିଲା । ଆୟୋଜିତ ଏହି ସଭାରେ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନେ, ଆଶା କର୍ମୀ, ମହିମା ଓ ନାରାୟଣୀ ନର୍ସିଂ ସ୍କୁଲର ଛାତ୍ର/ଛାତ୍ରୀ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଏହି କାର୍ଯକ୍ରମକୁ ସହାୟକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ କୁମାର ମହାପାତ୍ର, ସୁପରଭାଇଜର ବିଡୀକା ରାଉତ ଓ ହେମନ୍ତ କୁମାର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ସୂଚାରୁ ରୂପେ ପରିଚାଳନା କରିଥିଲେ । ପରିଶେଷରେ ସୁବ୍ରତ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାକୁ ଶେଷ କରିଥିଲେ ।

# ପଶ୍ଚିମ ସୋମନାଥଙ୍କ ପୀଠରେ ଗଙ୍ଗା ଜଳସାୟୀ ସମ୍ପନ୍ନ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ଓଡ଼ିଶାର ଦ୍ୱିତୀୟ ବାରାଣାସୀ ଭାବରେ ଖ୍ୟାତ ଅଷ୍ଟଶମ୍ଭୁଙ୍କ ସହର ସୁବର୍ଣ୍ଣପୁର ଠାରେ ଅଧିଷ୍ଠିତ ବାବା ପଶ୍ଚିମ ସୋମନାଥଙ୍କଠାରେ ଗଙ୍ଗାଜଳର ଜଳସାୟୀ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ମାଳିନୀ ସହରରେ ଏହି ପବିତ୍ର ମାଘ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ପଶ୍ଚିମ ସୋମନାଥ ବାବାଙ୍କ ପୀଠରେ ଏହି ଗଙ୍ଗା ଜଳାଭିଷେକ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ମଧ୍ୟରେ ଏକ ଅପୂର୍ବ ଭକ୍ତି ଭାବ ସୃଷ୍ଟି ହୋଇଥିଲା। ଏହି ଗଙ୍ଗା ଜଳାଭିଷେକ ପାଇଁ ୧ ୨ ହଜାର ଲିଟର ଗଙ୍ଗା ଜଳ ସୁଦୁର ଗଙ୍ଗାନଦୀରୁ ଟ୍ୟାଙ୍କର ଯୋଗେ ଅଣାଯାଇ ପଶ୍ଚିମ ସୋମନାଥଙ୍କଠାରେ ଜଳାଭିଷେକ କରାଯାଇଛି। ଏଥିପାଇଁ ହଜାର ହଜାର ଶ୍ରଦ୍ଧାଳୁଂକ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ସାମ୍ନାରେ ସୁଗାୟୀକା ଅଳକା ଦାଶଙ୍କ ଦ୍ୱାରା ପାରାୟଣ ପରିବେଷଣ ହୋଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମ ରେ ଘୋଡାଘାଟପଡାର ଗୋପାଳ ପୂଜାରୀ, କାର୍ତ୍ତିକ ପଧାନ, ଶ୍ରୀବତ୍ସ ମଲ୍ଲିକ, ବିକାଶ ମିଶ୍ର, ଗୋପାଳ ପଧାନ, ତାପସ ମହାନ୍ତି, ରଜତ ପଟ୍ଟନାୟକ, ଶ୍ରୀକାନ୍ତ ମହାନ୍ତି, କୃତ୍ତିବାସ ପାଣିଗ୍ରାହୀ, ସୌମ୍ୟ ମିଶ୍ର, ଶାଶ୍ୱତ ମିଶ୍ର, ସନ୍ତୋଷ ପ୍ରଧାନ, ଜୟ କୁମାର ମହଲା ପ୍ରଫୁଲ୍ଲ ନାୟକ, ତ୍ରିଲୋଚନ ପାଣିଗ୍ରାହୀ, ମୈଥିଳୀ ପଣ୍ଡା, ସିଲୁ ପାଣିଗ୍ରାହୀ, ପ୍ରମୁଖ ସହଯୋଗ କରିଥିଲେ।

# 'ଭିବି - ଜି ରାମ -ଜି' ଅଧିନିୟମ -୨୦୨୫ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାର ଟାଉନ ହଲ ଠାରେ ବିକଶିତ ଭାରତ - ରୋଜଗାର ଏବଂ ଆଜିବିକା ମିଶନ ( ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟି: ଭିବି- ଜି ରାମ ଜି ଅଧିନିୟମ ୨୦୨୫ ର କାର୍ଯ୍ୟକାରିତା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଭାରତ ସରକାରଙ୍କ ପ୍ରବର୍ତ୍ତିତ ବିକଶିତ ଭାରତ 'ଜୀ ରାମ ଜୀ' ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଓ ଜନସଚେତନତାକୁ ନେଇ ଓଡ଼ିଶା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବିଭାଗୀୟ ମନ୍ତ୍ରୀ, ରବି ନାରାୟଣ ନାଏକ, ସାଂସଦ, ବଲାଙ୍ଗୀର, ସଂଗୀତା କୁମାରୀ ସିଂହ ଦେଓ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ ସୁବର୍ଣ୍ଣପୁର ଜିଲ୍ଲାର ଏହି କର୍ମଶାଳା/ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ମୁଖ୍ୟ ଉନ୍ନୟନ ଅଧିକାରୀ - ତଥା - ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର ଉପସ୍ଥିତ ଅତିଥି ମାନଙ୍କ ସହିତ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ତାପରେ ଏହି ନୂତନ ଯୋଜନା ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ନିୟମାବଳୀ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇ କହିଥିଲେ ଯେ ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ୧୦୦ ଦିନ ପରିବର୍ତ୍ତେ ୧୨୫ ଦିନର ନିଶ୍ଚିତ ଶ୍ରମଭିତ୍ତିକ ନିଯୁକ୍ତି ସହିତ ଗ୍ରାମାଞ୍ଚଳର ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ, ଜଳ ସୁରକ୍ଷା, ଜୀବିକା ରେ ଉନ୍ନତି, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, ବେରୋଜଗାରୀ ଭତ୍ତା ପାଇଁ ଦୃଢ଼ ପଦକ୍ଷେପ, ଠିକ ସମୟରେ ମଜୁରୀ ପ୍ରଦାନ ଏବଂ ବିଳମ୍ବ ପାଇଁ କ୍ଷତିପୂରଣ, ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମ ପଞ୍ଚାୟତ ଯୋଜନାର ପ୍ରକଳ୍ପ ଚୟନ ଓ ଅନୁମୋଦନ, ସମସ୍ତ ଯୋଜନାର ସମନ୍ୱୟ ସହ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତା ମାଧ୍ୟମରେ ସଶକ୍ତିକରଣ କରାଯିବା ସହିତ କାର୍ଯ୍ୟକାରିତା ର ତଦାରଖ ଓ ପର୍ଯ୍ୟାଲୋଚନା କରିବା ପାଇଁ ଏହି ଯୋଜନା ର ଲକ୍ଷ୍ୟ ରହିଛି ବୋଲି ଉଭୟ ମାନ୍ୟବର ବିଧାୟକ ଓ ସାଂସଦ ତାଙ୍କ ବକ୍ତବ୍ୟରେ କହିଥିଲେ। ମାନ୍ୟବର ମନ୍ତ୍ରୀ, ଶ୍ରୀଯୁକ୍ତ ରବି ନାରାୟଣ ନାଏକ ତାଙ୍କ ଅଭିଭାଷଣରେ ଭିବି - ଜି ରାମ - ଜି ଗ୍ରାମୀଣ ରୋଜଗାର ର ନୂଆ ଗ୍ୟାରେଣ୍ଟି ଯୋଜନା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଏହି ପରିବର୍ତ୍ତିତ ଯୋଜନାର ତୁଳନାତ୍ମକ ସୁଫଳ ଓ ଲାଭ ଗ୍ରାମାଞ୍ଚଳ ମଜୁରିଆ ପାଇପାରିବେ ସେ ବିଷୟରେ ତାଙ୍କ ଅଭିଭାଷଣରେ ଅବଗତ କରାଇ କହିଥିଲେ। ଏହି ଅବସରରେ ମନ୍ତ୍ରୀ, ଶ୍ରୀ ନାଏକ କହିଥିଲେ ଯେ, 'ଭିବି-ଜୀ ରାମ ଜୀ' ଯୋଜନା ମାଧ୍ୟମରେ ଗ୍ରାମୀଣ ଅଞ୍ଚଳରେ ମୌଳିକ ସୁବିଧା,ସ୍ୱଚ୍ଛତା, ଜୀବନ ଜୀବିକାରମାନର ଉନ୍ନତି ଏବଂ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଏହି ଯୋଜନା ଜନସାଧାରଣଙ୍କ ପାଇଁ ଲାଭକାରୀ ହେବା ବୋଲି ମନ୍ତ୍ରୀ କହିଥିଲେ। ଏହି କର୍ମଶାଳା ରେ ଉପସ୍ଥିତ ଥିବା, ମଜୁରିଆ ମାନଙ୍କ ସହିତ ଏହି ନୂତନ ଯୋଜନା ର ସୁବିଧା ଓ ଲାଭ ବିଷୟରେ ପଚାରି ବୁଝିଥିଲେ ।ଏହି ନୂତନ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ପ୍ରତ୍ୟେକ ଗାଁର ମଜୁରିଆ, ଗ୍ରାମବାସୀ, ମେଟ୍, ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ, ସରପଞ୍ଚ, ଗ୍ରାମ ରୋଜଗାର ସେବକ, ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରି ଅପରେଟର, ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ବିଡ଼ିଓ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପର୍ଯ୍ୟାପ୍ତ ତାଲିମ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାର ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁରଙ୍କୁ ଏହି କର୍ମଶାଳାରେ ପରାମର୍ଶ ଦେଇଥିଲେ। ଯୋଜନା ସମ୍ପର୍କିତ ବିଭିନ୍ନ ତଥ୍ୟ ଓ ଲାଭ ସମ୍ପର୍କରେ ଉପସ୍ଥିତ ଲୋକ, ଲୋକ ପ୍ରତିନିଧି, ସରକାରୀ କର୍ମଚାରୀଙ୍କୁ ଅବଗତ କରାଯାଇଥିଲା। ସରକାରଙ୍କ ଲକ୍ଷ୍ୟ ହେଉଛି ଗ୍ରାମ ସ୍ତରରେ ସଶକ୍ତିକରଣ ମାଧ୍ୟମରେ ଉନ୍ନତ ଓ ସ୍ୱାବଲମ୍ବୀ ଓଡିଶା ଗଠନ କରିବା ବୋଲି ମନ୍ତ୍ରୀ ନାଏକ ଉଲ୍ଲେଖ କରିଥିଲେ। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରଜ୍ ସାହୁ ଏହି ଯୋଜନାର ସଠିକ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ସ୍ତରରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି, ତେଣୁ ସଠିକ୍ ଓ ଠିକ୍ ସମୟରେ ସମସ୍ତ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳ, ସୁବର୍ଣ୍ଣପୁର ପରାମର୍ଶ ଦେଇଥିଲେ। ମାନ୍ୟବର ବିଧାୟକ, ବୀରମହାରାଜପୁର ଓ ମାନ୍ୟବର ସାଂସଦ, ବଲାଙ୍ଗୀର ଏହି ଯୋଜନାର ନିୟମ ଓ ନିର୍ଦ୍ଦେଶାବଳୀ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ ତତ୍ ସହିତ ବର୍ଦ୍ଧିତ କର୍ମନିଯୁକ୍ତି ଗ୍ୟାରେଣ୍ଟି, ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଓ ଦକ୍ଷ ଶାସନକୁ ନେଇ ଏକ ବିକଶିତ ଭାରତର ପରିକଳ୍ପନା ଜୀ ରାମ ଜୀ ଯୋଜନା ର ପ୍ରମୁଖତା ବୋଲି ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି । ଏହି କର୍ମଶାଳାରେ ମାନ୍ୟବର ବୀରମହାରାଜପୁର ବିଧାୟକ, ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲାପାଳ, ନୃପରାଜ ସାହୁଙ୍କ ସହ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଅଶ୍ୱିନୀ ମେହେର, ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ, ସମସ୍ତ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦଙ୍କ ସମେତ ସମିତିର କର୍ମଚାରୀ ବୃନ୍ଦ, ଅନ୍ୟ ପଞ୍ଚାୟତ ପ୍ରତିନିଧି ବୃନ୍ଦ, ସମସ୍ତ ଗ୍ରାମ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରି ଅପରେଟର ବୃନ୍ଦ, ଗ୍ରାମ ରୋଜଗାର ସେବକ, ମେଟ୍ ବା ଗାଁ ସାଥୀ ଓ ବହୁ ସଂଖ୍ୟକ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ବିଭିନ୍ନ ସମ୍ବାଦପତ୍ର ଗୁଡିକର ସାମ୍ବାଦିକ ଓ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଟ୍ରାଇ ପକ୍ଷରୁ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**




ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ପକ୍ଷରୁ ନରାଜ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦୂରସଞ୍ଚାର କ୍ଷେତ୍ରରେ ପ୍ରଗତି, ଏଥିରେ ଟ୍ରାଇର ଭୂମିକା ସାଙ୍ଗକୁ ଉପଭୋକ୍ତା ସଂରକ୍ଷଣ ସହ ସମ୍ପର୍କିତ ବିଭିନ୍ନ ଉଦ୍ୟମ ଯଥା ଅଭିଯୋଗ ନିରାକରଣ ପଦ୍ଧତି, ସେବା ଯୋଗାଣରେ ଗୁଣବତ୍ତା ବଜାୟ ରଖିବା, ଅଦରକାରୀ ସେବା ସମ୍ପର୍କରେ ସୂଚନା, ମୋବାଇଲ୍ ନମ୍ବର ପୋର୍ଟେବିଲିଟି, ଫ୍ରଡ୍ ଟାୱାର ସମ୍ପର୍କରେ ସଚେତନତା, ପ୍ରସାରଣ ଓ କେବୁଲ୍ ସେବା, ଇଏମ୍‌ଏଫ୍ ବିକିରଣ, ଚ୍ୟାନେଲ୍ ଚୟନ ପାଇଁ ବ୍ୟବହୃତ ଆପ୍ସ ଇତ୍ୟାଦି ସମ୍ପର୍କରେ ଉପଭୋକ୍ତାମାନଙ୍କୁ ସଚେତନ କରାଯାଇଥିଲା। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବହୁ ବିଦ୍ୟାର୍ଥୀ/ କର୍ମଚାରୀ, ଟେଲିକମ୍ ଉପଭୋକ୍ତା, ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥା ପ୍ରତିନିଧି ଏବଂ ଖାଉଟି ଫୋରମ୍ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିବାରୁ ଲୋକଙ୍କ ମଧ୍ୟରେ ଏ ସମ୍ପର୍କରେ ସଚେତନତା ବୃଦ୍ଧି ପାଇବ ବୋଲି କାର୍ଯ୍ୟକ୍ରମ ଶେଷରେ ମତ ପ୍ରକାଶ ପାଇଥିଲା । ଉପଭୋକ୍ତାମାନଙ୍କୁ ମାଇଁ ସ୍ପିଡ୍, ଡିଏନଡି ଏବଂ ମାଇଁ କଲ୍ ପରି ଟ୍ରାଇ ସମର୍ଥିତ ଆପ୍ଲିକେସନ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା । ଏଥିରେ ଟ୍ରାଇ ହାଇଦ୍ରାବାଦ ଆଞ୍ଚଳିକ କାର୍ଯ୍ୟାଳୟରୁ ଆସିଥିବା ବରିଷ୍ଠ ଗବେଷଣା ଅଧିକାରୀ ସିଏଚ୍. ଭିକ୍ଷମ୍, ଆଇଟିଏସ୍ ଯୁଗ୍ମ ପରାମର୍ଶଦାତା ଜି. ସୁରେଶ ରେଡ୍ଡୀ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବରିଷ୍ଠ ଭାରତୀୟ ଟେଲିକମ୍ ସେବା ଅଧିକାରୀ ତଥା ଟେଲିକମ୍ ବିଭାଗ ଲାଇସେନ୍ସ ସର୍ଭିସ୍ ଏରିଆର ଓଡ଼ିଶା ନିର୍ଦ୍ଦେଶକ ବିବେକ ବିଶ୍ୱକର୍ମା ସାଇବର ହାଇଜିନ୍ ଓ ଡିଜିଟାଲ୍ ଫ୍ରଡ୍ ଭଳି ବିଷୟରେ ସଚେତନ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନିମନ୍ତେ ଚୟନ କରିଥିବାରୁ ଟ୍ରାଇକୁ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗ ଡିନ୍ ପ୍ରଫେସର ଆର ଏନ୍. ଶତପଥୀ, ଷ୍ଟୁଡେଣ୍ଟ୍ ଆଫେୟାର୍ସ ସହକାରୀ ଡିନ୍ ଡ. ସତ୍ୟଜିତ ପଟ୍ଟନାୟକ ପ୍ରମୁଖ ଧନ୍ୟବାଦ ଦେଇଥିଲେ। ଫ୍ୟାକଲ୍ଟି ସଂଯୋଜକ ଡ. ହରିଚନ୍ଦନ, ଜିସାନ୍ ଓ ମିସ୍ ସାଇନା କାର୍ଯ୍ୟକ୍ରମ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।



# ବରଗଡରେ ୧୧ ଜଣ ଗୁଡ୍ ସମାରିଟନ୍ ସମ୍ମାନିତ

**ବରଗଡ, ନ୍ୟୁଜ ବ୍ୟୁରୋ**

ରୋଡ୍ ଆକ୍ସିଡେଣ୍ଟ ସିନାରିଓ–୨୦୨୩ ଅନୁସାରେ, ପ୍ରତିବର୍ଷ ସାରା ପୃଥିବୀରେ ୧୧ ଲକ୍ଷରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହାରାଉଛନ୍ତି, ଯେଉଁଥିରେ ଭାରତରେ ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ୭୨ ହଜାର ମୃତ୍ୟୁ ଘଟୁଥିବା ବେଳେ ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫,୭୦୦ ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହାରାଉଛନ୍ତି। ଏହି ଦୁର୍ଭାଗ୍ୟଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି, ସାଧାରଣ ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ ଜାନୁୟାରୀ ମାସ ତମାମ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲ୍ଲା ପ୍ରଶାସନ ତଥା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ପଥପ୍ରାନ୍ତ ନାଟକ, କଲେଜଗୁଡ଼ିକରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ, ଚକ୍ଷୁ ପରୀକ୍ଷା ଶିବିର, ସ୍କୁଲ୍ ବସ୍ ?ର



ଫିଟନେସ୍ ଯାଞ୍ଚ, ବ୍ଲାକ୍ ସ୍ପଟ୍ ନିରୀକ୍ଷଣ, ବୋରାହଗଡ଼ା ଟୋଲ୍ ଗେଟ୍‌ରେ ଚାଳକମାନଙ୍କୁ ମାଗଣା ଚା' ବଣ୍ଟନ ଏବଂ ପର୍ଯ୍ୟଟନ ଓ ପିକନିକ୍ ସ୍ଥଳରେ ପୋଷ୍ଟର ଓ ପ୍ରଚାର ପତ୍ର ବଣ୍ଟନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଦୀର୍ଘ ଏକ ମାସ ପର୍ଯ୍ୟନ୍ତ ଜାରି ରହିଥିବା ସଡ଼କ ସୁରକ୍ଷା ମାସ ଆଜି ବିଭିନ୍ନ ସଚେତନତା ଓ ସାମାଜିକ ସେବାମୂଳକ କାର୍ଯ୍ୟକ୍ରମ ସହିତ ସମାପ୍ତ ହୋଇଛି।

ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମିନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଭଟଲି ଛକ ପର୍ଯ୍ୟନ୍ତ ଆୟୋଜିତ ଏକ ବୃହତ୍ ସଡ଼କ ସୁରକ୍ଷା ସଚେତନତା ରାଲିର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରାଲିରେ ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ରୋଡ଼ ସେଫ୍ଟି କମିଟିର ସମସ୍ତ ସଦସ୍ୟ ତଥା ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧି ଯୋଗଦେଇ ଡ୍ରାଇଭର ତଥା ଜନସାଧାରଣଙ୍କୁ ଟ୍ରାଫିକ ନିୟମ ଓ ସୁରକ୍ଷିତ ଗାଡି ଚାଳନା ସମ୍ପର୍କରେ ସଚେତନ କରିଥିଲେ। ଏତଦବ୍ୟତୀତ ସ୍ଥାନୀୟ ସଙ୍କଳ୍ପ ପରିବାରର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋନ କରାଯାଇଥିଲା। ସମାଜର ବିଭିନ୍ନ ବର୍ଗର ଲୋକ ଏହି ମହତ କାମରେ ଯୋଡି ହୋଇ ନିଜ ନିଜ ରକ୍ତଦାନ କରିଥିଲେ। ସୂଚନା ମୁତାବକ ଏଥିରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହାଛଡା ଗୋଲ୍ଡେନ୍ ଆୱର ସମୟରେ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ହସ୍ପିଟାଲକୁ ପହଞ୍ଚାଇ ଜୀବନ ରକ୍ଷା କରିଥିବା ୧୧ ଜଣ ଗୁଡ୍ ସମାରିଟନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ । ପଦ୍ମନାଭ ଦାନସେନା, ଅଶ୍ୱିନୀ କୁମାର ଦାଶ, ବ୍ୟାସଦେବ ସିଂହ, ହୃଦାନନ୍ଦ ସେଠ, ଆକାଶ କୁମାର ସାହୁ, ରବିଶଙ୍କର ବେହେରା, ବିକାଶ କୁମାର ଅଗ୍ରୱାଲ, ପ୍ରକାଶ ଚନ୍ଦ୍ର ରଥ, ନିତ୍ୟାନନ୍ଦ ବେହେରା, ସଂଘମିତ୍ରା ପଟେଲ ଓ ରଞ୍ଜିତ ଦାଶ।ଏହି ଅବସରରେ ସମସ୍ତ ଅତିଥି ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝୀ ସାଧାରଣ ଲୋକଙ୍କୁ ଯାତାୟାତ ନିୟମ କଡ଼ାକଡ଼ି ଭାବେ ଅନୁସରଣ କରିବା ଓ ସୁରକ୍ଷିତ ସଡ଼କ ଗଢ଼ିବାରେ ସହଯୋଗ କରିବାକୁ ଅନୁରୋଧ କରିଥିବା ବେଳେ ଡ଼ ଯଶବୀର ସିଂ ସାଇନି ମଞ୍ଚ ପରିଚାଳନା କରିଥିଲେ ।

# ପ୍ରସ୍ତାବିତ ଟାଉନ ପ୍ଲାନିଂ ସ୍କିମ ନଂ - ୧ର ପ୍ରଥମ ହିତାଧିକାରୀ ବୈଠକ

**କଟକ, ନ୍ୟୁଜ ବ୍ୟୁରୋ**

ଶନିବାର କଟକ ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ବାରଙ୍ଗ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିବା ପ୍ରସ୍ତାବିତ ଟାଉନ ପ୍ଲାନିଂ ସ୍କିମ ନମ୍ବର–୧ର ପ୍ରଥମ ଗ୍ରାମସ୍ତରୀୟ ହିତାଧିକାରୀ ବୈଠକ ସଫଳତାର ସହିତ ସମାପନ ହୋଇଛି। ରତାଗଡ଼–ଲେଙ୍କାସାହି ଏବଂ ଚଣ୍ଡିପ୍ରସାଦ ଗ୍ରାମର ଜମି ମାଲିକମାନେ ବୈଠକରେ ସକ୍ରିୟ ଅଂଶଗ୍ରହଣ କରି ଯୋଜନା ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ସିଡିଏର ଉପାଧକ୍ଷା ସୁଶ୍ରୀ କିରଣଦୀପ୍ କୌର୍ ସହୋତା, ଆଇଏଏସ୍‌ଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସିଡିଏ ସଚିବ ଡକ୍ଟର ଶ୍ୱେତ କୁମାର ଦାଶ, ସହକାରୀ ଟାଉନ ପ୍ଲାନର ତଥା ନୋଡାଲ୍ ଅଫିସର(ଟାଉନ ପ୍ଲାନିଂ ସ୍କିମ) ବିଷ୍ଣୁ ପ୍ରସାଦ ସାହୁ, ପ୍ରଶାସନିକ ଅଧିକାରୀ ଜନକ କୁମାର ନାୟକ ଏବଂ ଅନ୍ୟାନ୍ୟ



ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକର ଉଦ୍ଦେଶ୍ୟ ଥିଲା ଜମି ସମ୍ବନ୍ଧୀୟ ଯୋଜନା ପ୍ରସ୍ତାବ, ବିକାଶ ବ୍ୟବସ୍ଥା ଏବଂ ଟାଉନ ପ୍ଲାନିଂ ସ୍କିମ–୧ ଅନ୍ତର୍ଗତ ଆବଣ୍ଟନ ନୀତି ଉପରେ ଆଲୋଚନା କରିବା। ଟିପି ସ୍କିମର ନୋଡାଲ ଅଧିକାରୀ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକୁ ବର୍ଣ୍ଣନା କରିଥିଲେ, ଯେଉଁଥିରେ ଯୋଜନାବଦ୍ଧ ଭିତ୍ତିଭୂମି ବିକାଶ, ଉନ୍ନତ ରାସ୍ତା ସଂଯୋଗୀକରଣ, ସାଧାରଣ ସୁବିଧା ଯୋଗାଣ ଏବଂ ବ୍ୟବସ୍ଥିତ ସହରାଞ୍ଚଳ ବିକାଶ ଅନ୍ତର୍ଭୁକ୍ତ। ଉକ୍ତ ବୈଠକରେ ଜମି ମାଲିକମାନଙ୍କୁ ସେମାନଙ୍କର ମତାମତ, ପରାମର୍ଶ ଏବଂ ସମ୍ପୃକ୍ତ ହେବା ପାଇଁ ଉତ୍ସାହିତ କରାଯାଇଥିଲା। ସିଡିଏ ଉପାଧକ୍ଷା ସ୍ୱଚ୍ଛ ଶାସନ ଏବଂ ଅନ୍ତର୍ଭୁକ୍ତ ଯୋଜନା ପ୍ରତି ସିଡିଏର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ସିଡିଏ ଟାଉନ ପ୍ଲାନିଂ ସ୍କିମର ସଫଳ କାର୍ଯ୍ୟାନ୍ୱୟନରେ ବହୁ ମାନରେ ଜନ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ରୂପେ ଗ୍ରହଣ କରେ। ଏହା ସହ ଅଧିକାରୀମାନେ ଜମି ମାଲିକମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଯୋଜନା ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନ ସମୟରେ ସେମାନଙ୍କ ପରାମର୍ଶଗୁଡ଼ିକୁ ଉପଯୁକ୍ତ ଭାବରେ ବିଚାର କରାଯିବ। ବୈଠକଟି ଏକ ପ୍ରଶ୍ନୋତ୍ତର ଅଧିବେଶନ ସହିତ ଶେଷ ହୋଇଥିଲା, ଯାହା ଜନସାଧାରଣଙ୍କଠାରୁ ଆଗ୍ରହ ଏବଂ ସହଯୋଗ ହାସଲ କରିଥିଲା। ଟାଉନ ପ୍ଲାନିଂ ସ୍କିମ ନମ୍ବର–୧ ଅନ୍ତର୍ଗତ ସ୍ଥାୟୀ ଏବଂ ନାଗରିକ–କୈନ୍ଦ୍ରିକ ସହରାଞ୍ଚଳ ବିକାଶ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପର୍ଯ୍ୟାୟରେ ଜମି ମାଲିକମାନଙ୍କ ସହ ଆଲୋଚନା ଜାରି ରଖିବା ପାଇଁ ସିଡିଏ ପ୍ରତିବଦ୍ଧତାକୁ ଦୋହରାଇଥିଲା।

# ଟ୍ରକ ଚକା ତଳେ ଜୀବନ ଯିବା ଘଟଣା
# ପରିବାରକୁ କ୍ଷତି ପୂରଣ ପରେ ସମାଧାନ

**ରାଇଘର, ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ହୋଇଥିବା ଦୁର୍ଘଟଣାର ସମାଧାନ ରାଇଘର ଥାନାରେ ହୋଇଥିବା ଜଣାପଡିଛି । ପ୍ରାପ୍ତ ସୂଚନା ଅନୁଯାୟୀ ମୃତକ ଦୁଇ ପରିବାରକୁ ପରିବାର ପିଛା ଏକ ଲକ୍ଷ ପଚାଶ ହଜାର ଟଙ୍କା ବୋରୱେଲ ଗାଡି ମାଲିକ ଦେବାସହ ହରିଶ୍ଚନ୍ଦ୍ର ଯୋଜନାରେ ତିନି ହଜାର ଟଙ୍କା ପ୍ରଦାନ କରାଯାଇଥିବା ପୋଲିସ ପ୍ରକାଶ କରିଛି । ଏହାପରେ ଉତ୍ତେଜିତ ଗ୍ରାମବାସୀ ନିଜ ଜିଦରୁ ଓହରିଥିଲେ। ଏହାପରେ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଥିଲା । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରାଯାଇଛି । ପ୍ରକାଶ ଥାଉକି ଶୁକ୍ରବାର ଦିନ ପ୍ରାୟ ଚାରିଟା ସମୟରେ ମୁଣ୍ଡିବେଡା ପଞ୍ଚାୟତର ଖାଡିପାଣି ଗ୍ରାମର ଲମ୍ବୁ ଗଣ୍ଡ, ସୁରଜ ହରିଜନ ଏବଂ ଟିଂଗର ମାଝୀ ତିନିଜଣ ରାଇଘର ଆସିବା ସମୟରେ ନୂଆପାରା ପଲକାଡଙ୍ଗରି ଛକ ନିକଟରେ ବୋରୱେଲ ଗାଡି ଅତିକ୍ରମ କରିବା ସମୟରେ ବାଇକର ଭାରସାମ୍ୟ ହରାଇ ଗାଡି ଚକ ତଳେ ଆସି ଘଟଣା ସ୍ଥଳରେ ଲମ୍ବୁ ଏବଂ ସୁରଜଙ୍କ ମୃତ୍ୟୁ ଘଟିଥିବା ବେଳେ ଟିଂଗର ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ର ରେ ଗୁରୁତର ଅବସ୍ଥାରେ ଚିକିତ୍ସା ହୋଇ ଆଜି ଘରକୁ ଫେରିଥିବା ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରକାଶ କରିଛନ୍ତି ।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ : ଜନ୍ମରୁ ଅଜଣା ରୋଗରେ ପୀଡିତ ବାସି ମୁଣ୍ଡା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବାରିପଦା, ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡିଆ ଗ୍ରାମ ପଞ୍ଚାୟତ ଅଧୀନ ବାଲିଚୁଆ ରାଜସ୍ୱ ଗ୍ରାମର ଲେୟାଙ୍ଗିସାହିର ବାସି ମୁଣ୍ଡା(୬୨) ଜନ୍ମରୁ ଏକ ଅଜଣା ରୋଗରେ ପୀଡିତ ହୋଇଛନ୍ତି। ତାଙ୍କ ମୁହଁର ଉପର ଭାଗରେ ମାଂସ ପିଣ୍ଡୁଳା ବାହାରିଛି । ଦାରିଦ୍ର୍ୟତା ଏବଂ ଅର୍ଥାଭାବ କାରଣରୁ ସେ ଚିକିତ୍ସା କରାଇ ପାରୁ ନ ଥିବା ପ୍ରକାଶ କରିଛନ୍ତି। ସେ ଏକ ମାଟିଝାଟି କୁଡିଆ ଘରେ ଏକୁଟିଆ ରହୁଛନ୍ତି। ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଯୋଜନାରେ ସେ ଏକ ରେସନ କାର୍ଡ ପାଇଛନ୍ତି ଏବଂ ମାସକୁ ୫ କିଲୋ ଗ୍ରାମ ଚାଉଳ ପାଇ ଚଳୁଛନ୍ତି । ସେ ମୂଳରୁ ହିଁ ଅବିବାହିତ ରହିଛନ୍ତି। ଶୀତ ଋତୁରେ ଘୋଡାଇବା ପାଇଁ ତାଙ୍କ ପାଖରେ କମ୍ବଳ କିମ୍ବା ଚାଦର ଭଳି ଲୁଗା ବି ନାହିଁ। ଅଭାବ ଅସୁବିଧା ଏବଂ ଦୁଃଖର ବଳୟ ମଧ୍ୟରେ ସେ ଜୀବନ ଯାପନ କରୁଛନ୍ତି। ସେ ୬୨ ବର୍ଷ ବୟସରେ ପଦାର୍ପଣ କରିଥିଲେ ହେଁ ତାଙ୍କୁ ବାର୍ଦ୍ଧକ୍ୟ



ଭତ୍ତା ମିଳି ପାରି ନାହିଁ। ତେବେ ତାଙ୍କର ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ଆବାସ ଯୋଜନାରେ ଘର ପ୍ରଦାନ କରିବା ପାଇଁ ଶରତ ବିକାଶ ମଞ୍ଚର ରିମିଲି ଗୋଇପାଇଙ୍କ ତତ୍ତ୍ୱାବଧାନରେ ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିବେଦନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ସମସ୍ତ ଘଟଣା ଶୁଣି ତୁରନ୍ତ ଜରୁରୀକାଳୀନ କାର୍ଯ୍ୟାଳୟକୁ ସହାୟତା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ
# କଠିନ ପରିଶ୍ରମ ସଫଳତାର ଚାବି କାଠି

**ପାଟଣାଗଡ଼, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ସ୍ଥାନୀୟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଶନିବାର ପ୍ରଧାନ ଶିକ୍ଷକ ଇସପାଲ ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଅବସରରେ ମୁଖ୍ୟ ଅତିଥି ରୂପେ ଭେଡେନ ବ୍ଲକ୍‌ର ଗୋଷ୍ଠି ଉନ୍ନୟନ ଅଧିକାରୀ କର୍ଣ୍ଣ ସୁନା, ମୁଖ୍ୟବକ୍ତା ରୂପେ ସାମାଜିକ କର୍ମୀ ଡ. ଅଭୟ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ଖପ୍ରାଖୋଲ ଗୋଷ୍ଠି ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରୁଦ୍ର ଦେବ ଷଡଙ୍ଗୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ଅବସର ପ୍ରାପ୍ତ ଶିକ୍ଷକ ରାଜାରାମ ବେହେରା, ସାମାଜିକ କର୍ମି ବିମଳ ରଞ୍ଜନ ସାହୁ ଯୋଗଦେଇଥିଲେ । ଏହି ଅବସରରେ ଶିକ୍ଷକ ଓମ୍ ପ୍ରକାଶ ମେହେର ସ୍ୱାଗତ ଭାଷଣ ଦେଉଥିବା ବେଳେ ଶିକ୍ଷକ ସହଦେବ ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅବସରରେ ଅତିଥି ମାନେ କଠିନ ପରିଶ୍ରମ ସଫଳତା ଆଣିଦିଏ ବୋଲି କହିବା ସହିତ ଶୃଙ୍ଖଳା ଓ ଉତ୍ତମ ଚରିତ୍ର ଗଠନ କରିବାକୁ କହିଥିଲେ। ପରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀ ଛାତ୍ର ମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ



କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ମେହେର, ସୁନୀଲ ପାତ୍ର, ଭୂପେନ୍ଦ୍ର ମାଝୀ, ଜନ୍ମେଜୟ ଧରୁଆ, ଭୋଜରାଜ ଗହିର, ସଞ୍ଜୀବ ନାଏକ, ବାସନ୍ତୀ ଛୁରା, ସୋନାଳି ବାଗ, ନିହାରିକା ଦଳପତି, ରିନା ପାତ୍ର, ରୁକ୍ମଣୀ ମିଶ୍ର, ଶିବାନୀ ଦାଶ, ସଙ୍ଗୀତା ଗଡତ୍ୟା, ମମତା ଧୀବର, ବରିଷ୍ଠ କିରାଣୀ ରମାକାନ୍ତ ଭୋଇ ଶିକ୍ଷୟତ୍ରୀ ଶିକ୍ଷକ, କର୍ମଚାରୀ, ଛାତ୍ରୀ ଛାତ୍ର ଏବଂ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଶିକ୍ଷକ ମୁରଲୀ ମେହେର, ନମିତା ମଣ୍ଡଳ, ସୁନୀଲ ପାତ୍ର, ମଞ୍ଚ ପରିଚାଳନା କରିଥିବା ବେଳେ ସମୀର ଦେବେ ଚୌହାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜୀବନ ରକ୍ଷା ପାଇଁ ସଡ଼କ ସୁରକ୍ଷା ନିୟମ ପାଳନ ଉପରେ ଗୁରୁତ୍ୱ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଜାତୀୟ ସଡ଼କ ସୁରକ୍ଷା ମାସ -୨୦୨୬ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଆଞ୍ଚଳିକ ପରିବହନ ଅଧିକାରୀ ଯାଜପୁର ଧୀରେନ୍ଦ୍ର କୁମାର ନାୟକ ଏବଂ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଦାମୋଦର ବେହେରା ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ କର ନିଜ ବକ୍ତବ୍ୟରେ କହିଥିଲେ ଯେ ଦୁଃସାହସିକ ଭାବେ ଅନ୍ୟମନସ୍କ ହୋଇ ଗାଡ଼ି ଚଲାଇବା ଉଚିତ୍ ନୁହେଁ। ସଡ଼କ ଦୁର୍ଘଟଣା ଯୋଗୁଁ ଚାଳକ ସହ ତାଙ୍କ ପରିବାର ପାଇଁ ମଧ୍ୟ ବଡ଼ କ୍ଷତି ହୁଏ। ଜୀବନ ବଡ଼ ମୂଲ୍ୟବାନ ଏବଂ ଜୀବନ ରକ୍ଷା ପାଇଁ ସଡକ ସୁରକ୍ଷା ନିୟମ ମାନିବା ଆବଶ୍ୟକ ବୋଲି ଜିଲ୍ଲାପାଳ ବାର୍ତ୍ତା ଦେଇଥିଲେ। ପରିବାର ଲୋକଙ୍କୁ ସଡ଼କ ସୁରକ୍ଷା ନିୟମ ବିଷୟରେ ସଚେତନ କରାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଶ୍ରୀ ବେହେରା ଅତି ସୁନ୍ଦର ଭାବେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ମୂଳକ ନାଟକ ପରିବେଷଣ ହୋଇଥିଲା। ଏହି ଆକର୍ଷଣୀୟ ନାଟକକୁ ଉପସ୍ଥିତ



ଦର୍ଶକ ବେଶ ପ୍ରଶଂସା କରିଥିଲେ। ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ଆଣିବାରେ ଯେଉଁ ବ୍ୟକ୍ତି ସାହାଯ୍ୟ କରିବେ, ତାଙ୍କୁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ସରକାରଙ୍କ ତରଫରୁ ଦିଆଯାଉଛି। ଏନେଇ ସଭାରେ ସଚେତନତା କରାଯାଇଥିଲା। ଯାଜପୁର ଜିଲ୍ଲାର ଏଭଳି ସହାୟତା କରିଥିବା କିଛି ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ସଡ଼କ ସୁରକ୍ଷା ଥିମ୍‌କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦ୍ରୁତ ଗତିରେ ଗାଡ଼ି ଚାଳନା, ମଦ୍ୟ ପାନ କରି ଗାଡ଼ି ଚଳାଇବା, ହେଲମେଟ ନ ପିନ୍ଧିବା, ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା ଇତ୍ୟାଦି ଦୁର୍ଘଟଣାର ମୁଖ୍ୟ କାରଣ। ତେଣୁ ଏସବୁକୁ ରୋକିବା ପାଇଁ ସଡ଼କ ସୁରକ୍ଷା ମାସରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାସବ୍ୟାପୀ ଜନ ସଚେତନତା ସୃଷ୍ଟି କରାଯାଇଥିଲା।

# ହରିଶଙ୍କର ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

ପାଟଣାଗଡ, ପ୍ଲାଷ୍ଟିକରେ ତିଆରି ଜିନିଷ ବର୍ଜନ କରି ସାଧାରଣ ଜିନିଷ ବ୍ୟବହାର କରି ବର୍ଜ୍ୟ ବସ୍ତୁ ପରିଚାଳନା ଉପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ସରକାର ସହାୟତା ରେ ଏବଂ



ହରିଶଙ୍କର ବନାଞ୍ଚଳ ବିଭାଗ ର ଆୟୋଜନରେ ଆଜି ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ହରିଶଙ୍କର ଠାରେ ସଚେତନ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଲାଙ୍ଗିରରୁ ସ୍ୱାଗତ ଆନନ୍ଦ ପଟେଲ, ବଲାଙ୍ଗିର ଏସିଏଫ ସୁମନ ମାଝୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଖପ୍ରାଖୋଲ ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ଡ଼: ଦେବେନ୍ଦ୍ର ବିଶ୍ୱାଳ, ଥାନା ଅଧିକାରୀ ନରେନ୍ଦ୍ର ଛତର, ମହରା ପଦର ଉଚ୍ଚ ବିଦ୍ୟାଳର ପ୍ରଧାନ ଶିକ୍ଷକ ନବ କିଶୋର ନନ୍ଦ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମସିଂ ବରିହା, ହରିଶଙ୍କର ମନ୍ଦିର ମେନେଜର ଗୁପ୍ତେଶ୍ୱର କୁଅର ମଂଚାସୀନ ହୋଇଥିଲେ । ସରକାଙ୍କ ବିଚକ୍ଷଣ ବୁଦ୍ଧି ଏବଂ ନୀତି ଗୋଟିଏ ପଟେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସଚେତନ ଅଭିଯାନ ପାଇଁ ଖର୍ଚ୍ଚ ଆଉ ଗୋଟେ ପଟେ ପ୍ଲାଷ୍ଟିକ ତିଆରି ପାଇଁ ଅନୁମତି କ୍ଷତହସିଲ ବାଗ ଏବଂ ଅଭୟ ତ୍ରିପାଠୀ ସଭା ପରିଚାଳନା କରିଥିବା ବେଳେ ଯଶୋବନ୍ତ ସାହୁ ଧନ୍ୟବାଦ ଦେଇଥିଲେ ।

# କେନ୍ଦୁଝର ଜିଲ୍ଲା ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି

**କେନ୍ଦୁଝର, ନ୍ୟୁଜ**

ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଏବଂ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ, କେନ୍ଦୁଝର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଫେବୃୟାରୀ ମାସ ନିମନ୍ତେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ବିଭିନ୍ନ ବ୍ଲକରେ ଏହି ଶୁଣାଣି ଅନୁଷ୍ଠିତ ହେବ। ?ଜାନୁଆରୀ ମାସର ଶେଷ ଶୁଣାଣି ପରେ, ଫେବୃୟାରୀ ମାସରେ ହେବାକୁ ଥିବା ଶୁଣାଣିର ତାଲିକା ନିମ୍ନରେ ଦିଆଗଲା । ୦୨.୦୨.୨୦୨୬ (ସୋମବାର) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ୦୯.୦୨.୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଘଷିପୁରା? ୧୬.୦୨.୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚମ୍ପୁଆ? ୨୩.୦୨.୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରିଚନ୍ଦନପୁର ଏହି ସମସ୍ତ ଶୁଣାଣି ପୂର୍ବାହ୍ନ ୧୦:୦୦ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୦୧:୦୦ ଘଟିକା ପର୍ଯ୍ୟନ୍ତ ଚାଲିବ। ଶିବିରଗୁଡ଼ିକରେ ଆବେଦନକାରୀ, ବିଶେଷ କରି ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ଓ ପାନୀୟ ଜଳର ସମସ୍ତ ବ୍ୟବସ୍ଥା କରାଯିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗଗୁଡ଼ିକୁ ତୁରନ୍ତ 'ଜନ ଶୁଣାଣି ପୋର୍ଟାଲ'ରେ ପଞ୍ଜିକରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ନିୟୋଜିତ ରହିବେ। ଅଞ୍ଚଳବାସୀ ଏହି ସୁଯୋଗର ସଦୁପଯୋଗ କରି ନିଜ ନିଜର ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୦୨।୦୨।୨୦୨୬, ମାଘ ଦି୨୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୬।୨୪।୨୪ ଚନ୍ଦ୍ରୋଦୟ- ସଂଘ ୬।୧୩।୩୮**

**ପ୍ରତିପଦ-** ରାଘ ୧।୫୪ ପର୍ଯ୍ୟନ୍ତ। **ଅଶ୍ଳେଷା ନକ୍ଷତ୍ର-** ରାଘ ୧୦।୫୦ ପର୍ଯ୍ୟନ୍ତ। **କର୍କଟ ଚନ୍ଦ୍ର-** ରାଘ ୧୦।୫୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର। ରାଘ ୧୦।୫୦ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୧୦।୫୦ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୧।୫୪ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୫୦ ମଧ୍ୟେ । ଦିଘ ୧୦।୫୪ ଗତେ ଦିଘ ୧।୦୯ ମଧ୍ୟେ।



**ମେଷ:** କର୍ମକ୍ଷେତ୍ରରୁ ଆଶାନୁରୂପକ ଫଳ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଶତ୍ରୁ ନାଶ ହେବେ। ମନସ୍କାମନା ପୂରଣ ହେବ।



**ବୃଷ:** ଚାକିରୀ କ୍ଷେତ୍ରରେ ଉନ୍ନତିର ସୂଚନା। ହଠାତ୍ କୌଣସି ଶୁଭ ଖବର ମିଳିପାରେ। ରୋଜଗାର ଭଲ ହେବ। ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଗୃହେ ଆନନ୍ଦ।



**ମିଥୁନ:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବା ବ୍ୟବସାୟରେ ଲାଭବାନ୍ ହେବେ । ଆୟର ପରିମାଣ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ଦୁଖ ଶନ୍ତିରେ ବିତିବ ।



**କର୍କଟ:** ଅଟକି ରହିଥିବା କାମଟି ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢିବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ। ଉତ୍ତମ ଭୋଜନରେ ଆପାୟିତ ହେବାର ସୂଚନା।



**ସିଂହ:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ବିଳମ୍ବ ହେବ। ଆର୍ଥିକ ସ୍ଥିତି ସ୍ଥିର ରହିବ। ପରିବାରରେ ପିଲାଙ୍କ ନିମନ୍ତେ ସାମାନ୍ୟ ଚିନ୍ତିତ ହୋଇପାରନ୍ତି। ଶତ୍ରୁଙ୍କ ଠାରୁ ସତର୍କ ରହିବେ।



**କନ୍ୟା:** ବ୍ୟବସାୟରେ କ୍ଷତି ହୋଇପାରେ । ଶାରିରୀକ ଅସୁସ୍ଥତା ଦେଖାଦେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ। ଖର୍ଚ୍ଚର ପରିମାଣ ଅଧିକ ହେବ। ମାନସିକ ଦୁଶ୍ଚିନ୍ତା ଦେଖାଦେବ।



**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ସେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ ।ଆୟରେ ଉନ୍ନତି ।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆନନ୍ଦିତ ହେବେ । ଦେବ ଦର୍ଶନ ସହିତ ଧର୍ମକାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବା ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ । ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ ମନ ଅସ୍ଥିର ରହିବ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ସୁଖ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।



**ମୀନ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଲାଗିଥିବା ବିବାଦରେ ବିଜୟୀ ହେବେ। ଆୟ ଭଲ ହେବ। ଘରେ ସୁଖ ଶାନ୍ତି ରହିବ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା ୩।୦୨।୨୦୨୬, ମାଘଦି୨୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୨୩।୦୪ ଚନ୍ଦ୍ରୋଦୟ-ସଂଘ୭।୧୫।୪୫**

**ଦ୍ୱିତୀୟା-** ରାଘ୧୨।୪୧ପର୍ଯ୍ୟନ୍ତ । ମଘାନକ୍ଷତ୍ରରାଘ୧୦।୧୩ପର୍ଯ୍ୟନ୍ତ **ସିଂହଚନ୍ଦ୍ର-ଅହୋରାତ୍ର ଚନ୍ଦ୍ରଶୁଦ୍ଧି-**ବୃଷ,ମିଥୁନ,ସିଂହ,କନ୍ୟା,ତୁଳା,ବିଛା, କୁମ୍ଭ ଓ ମୀନ ରାଶୀର **ଘାତ ଚନ୍ଦ୍ର-**କର୍କଟ ଓ ମକର ରାଶିର **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ରାଘ୧୨।୪୧ଗତେପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୧୪ ଗତେ ଦିଘ ୧୦।୫୫ ମଧ୍ୟେ । ଦିଘ ୧।୦୯ ଗତେ ଦିଘ ୧।୨୮ ମଧ୍ୟେ ।ପର୍ବୋତ୍ସବ- ସୋ-ବେ-ବରାତ୍।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ସୁଦୃଢ଼ ହେବ ଭାରତ-ଆରବ ସମ୍ପର୍କ, ୧୦ ବର୍ଷ ପରେ ସଚିବସ୍ତରୀୟ ବୈଠକ

ଭାରତ ଚଳିତ ମାସ ୩୧ ତାରିଖରେ ଦ୍ୱିତୀୟ ସଂସ୍କରଣର ଭାରତ-ଆରବ ବୈଦେଶିକ ମନ୍ତ୍ରୀ ବୈଠକ ଆୟୋଜନ କରୁଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆରବ ଲିଗ୍‌ର ସଦସ୍ୟ ଦେଶର ବୈଦେଶିକ ମନ୍ତ୍ରୀ ଏବଂ ଆରବ ଲିଗ୍‌ର ମହାସଚିବ ସାମିଲ ହେବେ । ଏହି ବୈଦେଶିକ ମନ୍ତ୍ରୀ ବୈଠକ ପୂର୍ବରୁ ଶୁକ୍ରବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚତୁର୍ଥ ଭାରତ-ଆରବ ବରିଷ୍ଠ ଅଧିକାରୀ ସମ୍ମିଳନୀ (SOM) ଆୟୋଜିତ ହେଉଛି । ଆରବ ଲିଗ୍(LAS) ୧୯୪୫ ମାର୍ଚ୍ଚ ୨୨ ତାରିଖରେ କାଇରୋରେ ସ୍ଥାପିତ ହୋଇଥିଲା । ପ୍ରାରମ୍ଭରେ ମିଶର, ଇରାକ, ଜର୍ଡାନ, ଲେବାନନ, ସୌଦି ଆରବ ଓ ସିରିଆ ଏହାର ସଦସ୍ୟ ଥିଲେ । ସେତେବେଳେ ୭ଟି ଦେଶ ସହ ଆରମ୍ଭ ହୋଇଥିବା ଏହି ସଂଗଠନର ବର୍ତ୍ତମାନ ୨୨ଟି ସଦସ୍ୟ ଦେଶ ରହିଛନ୍ତି, ଯେଉଁଥିରେ ଉତ୍ତର ଆଫ୍ରିକା ଓ ମଧ୍ୟ ପୂର୍ବର ଦେଶମାନେ ସାମିଲ । ସିରିଆକୁ ପୁନଃ ସଦସ୍ୟତା ମିଳିଛି । LASର କିଛି ପର୍ଯ୍ୟବେକ୍ଷକ ଦେଶ ମଧ୍ୟ ରହିଛନ୍ତି, ଯେଉଁମାନଙ୍କ ମଧ୍ୟରେ ଭାରତ, ଆର୍ମେନିଆ, ବ୍ରାଜିଲ, ଚାଦ, ଏରିଟ୍ରିଆ, ଗ୍ରୀସ ଓ ଭେନିଜୁଏଲା ଅଛନ୍ତି । ଆରବ ଲିଗ୍‌ର ଗଠନରେ ବିଶେଷ ମନ୍ତ୍ରୀସ୍ତରୀୟ କମିଟି, ସାଧାରଣ ସଚିବାଳୟ ଓ ବିଶେଷୀକୃତ ସଂସ୍ଥା ଅନ୍ତର୍ଭୁକ୍ତ । ସଦସ୍ୟ ଦେଶମାନଙ୍କ ବୈଦେଶିକ ମନ୍ତ୍ରୀମାନେ ଯୋଗଦେଇଥିବା କାଉନସିଲ ହେଉଛି ଏହାର ପ୍ରମୁଖ ରାଜନୈତିକ ଅଙ୍ଗ, ଯାହା ପ୍ରତିବର୍ଷ ଦୁଇଥର ବୈଠକ କରେ । ପ୍ରତ୍ୟେକ ସଦସ୍ୟ ଦେଶର ଗୋଟିଏ ମତ ଥାଏ ଏବଂ ନିଷ୍ପତ୍ତି ସେମାନଙ୍କ ପାଇଁ ବାଧ୍ୟତାମୂଳକ ହୁଏ, ଯେଉଁମାନେ ସପକ୍ଷରେ ଭୋଟ୍ ଦେଇଥାନ୍ତି । ତେବେ ନିଷ୍ପତ୍ତି ପାଳନ କରିବା ପାଇଁ LAS ପାଖରେ କୌଣସି ବାଧ୍ୟତାମୂଳକ ବ୍ୟବସ୍ଥା ନଥିବାରୁ ଏହାକୁ ଆଭ୍ୟନ୍ତରୀଣ ମତଭେଦ ପାଇଁ ସମାଲୋଚନା କରା ହେଉଛି । ଆରବ ଲିଗ୍ ଆଫ୍ରିକାନ୍ ୟୁନିୟନ (AU), ୟୁରୋପିୟନ୍ ୟୁନିୟନ (EU), ASEAN ଓ ଦକ୍ଷିଣ ଆମେରିକୀୟ ଦେଶମାନଙ୍କ ସଂଘ ସହ ବହୁପକ୍ଷୀୟ ସମ୍ପର୍କ ରଖିଛି । ଆରବ ଲିଗ୍ ଚୀନ୍ ସହିତ ସହ ରୁଷିଆ, ବ୍ରାଜିଲ ଓ ଫ୍ରାନ୍ସ ସହ ମଧ୍ୟ ରାଜନୈତିକ ଓ କୂଟନୈତିକ ସମ୍ପର୍କ ରଖିଆସୁଛି । ଏହି ବହୁପକ୍ଷୀୟ ସମ୍ପର୍କମାନେ ଆରବ ଦେଶମାନଙ୍କ ସହ ବିଭିନ୍ନ ଆନ୍ତର୍ଜାତୀୟ ମଞ୍ଚରେ ସହଯୋଗକୁ ଆହୁରି ମଜବୁତ କରୁଛି । ଆରବ ଲିଗ୍ (LAS) ବିଶ୍ୱର ୨୦ରୁ ଅଧିକ ଦେଶରେ ତାର ମିଶନ ସ୍ଥାପନ କରିଛି । ଯୁକ୍ତରାଷ୍ଟ୍ର, ରୁଷିଆ, ଚୀନ୍, ଫ୍ରାନ୍ସ, ବ୍ରିଟେନ୍, ବ୍ରାଜିଲ ଓ ଜର୍ମାନୀ ସହ ଭାରତରେ ମଧ୍ୟ ଆରବ ଲିଗ୍‌ର ଏକ ମିଶନ୍ ରହିଛି । ବର୍ତ୍ତମାନ ଆରବ ଲିଗ୍‌ର ମହାସଚିବ ଭାବେ ଆହମଦ୍ ଆବୁଲ୍ ଘେଇତ୍ କାର୍ଯ୍ୟରତ ଅଛନ୍ତି । ଭାରତ ଓ ଆରବ ଲିଗ୍‌ର ସମ୍ପର୍କ କାହିଁ କେଉଁ କାଳରୁ ଚାଲିଆସୁଛି । ବାଣିଜ୍ୟ, ଶିକ୍ଷା ଓ କୂଟନୈତିକ ସମ୍ପର୍କ ମାଧ୍ୟମରେ ଦୁଇ ପକ୍ଷ ମଧ୍ୟରେ ଦୀର୍ଘକାଳୀନ ସମ୍ପର୍କ ଗଢ଼ିଉଠିଛି । ଭାରତ ଓ ଆରବ ଲିଗ୍ ମଧ୍ୟରେ ମାର୍ଚ୍ଚ ୨୦୦୨ ମସିହାରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇ ସଂସ୍ଥାଗତ ସଂଳାପକୁ ଆକାର ଦିଆଯାଇଥିଲା । ପରେ ଡିସେମ୍ବର ୨୦୦୮ରେ ଆରବ-ଭାରତ ସହଯୋଗ ଫୋରମ୍ ସ୍ଥାପନ ପାଇଁ ଏକ ସହଯୋଗ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା, ଯାହାକୁ ଡିସେମ୍ବର ୨୦୧୩ରେ ପୁନଃ ସମୀକ୍ଷା କରାଯାଇଥିଲା । ଡିସେମ୍ବର ୨୦୧୦ରେ କାଇରୋରେ ଅବସ୍ଥିତ ଭାରତୀୟ ରାଜଦୂତଙ୍କୁ ଆରବ ଲିଗ୍ ପାଇଁ ଭାରତର ସ୍ଥାୟୀ ଭାବେ ନିଯୁକ୍ତ କରାଯାଇଥିଲା ।

# କବିଚନ୍ଦ୍ର କାଳୀଚରଣ : କୃତୀ ଓ କୀର୍ତ୍ତି – ୧



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ପ୍ରଥିତଯଶା କଳାକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ (୧୮୯୭-୧୯୭୮) । ଓଡ଼ିଆ ସାହିତ୍ୟ-ସଂସ୍କୃତିର ଅଭିବୃଦ୍ଧି, ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ସ୍ୱୀକୃତି – ଏ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ଏକାଧାରରେ ସେ ଜଣେ ନିପୁଣ ଅଭିନେତା, ନିଖୁଣ ନାଟ୍ୟ ନିର୍ଦ୍ଦେଶକ, ସ୍ୱନାମଧନ୍ୟ ନାଟ୍ୟକାର, ଅସାଧାରଣ ଓଡ଼ିଶୀ ସଂଗୀତ-ନୃତ୍ୟ ବିଶାରଦ ତଥା ଲବ୍ଧପ୍ରତିଷ୍ଠ କବି । ସାହିତ୍ୟର ଅନେକ ବିଭାଗରେ ତାଙ୍କର ଲେଖନୀ ଚଳଚଞ୍ଚଳ । ସେ ଜଣେ ସଫଳ ପାଠ୍ୟପୁସ୍ତକ ରଚୟିତା । କବିଚନ୍ଦ୍ରଙ୍କ ଆତ୍ମଲିପି ‘କୁମ୍ଭାର ଚକ’ । ଏଥିରେ ସ୍ଥାନିତ ଘଟଣାର ଅୟମାରମ୍ଭ ୧୮୯୭ରୁ ପ୍ରଲମ୍ବିତ ୧୯୭୫ ଯାଏ । ସ୍ରଷ୍ଟାଙ୍କ ଜୀବନର ହସ-କାନ୍ଦ, ସୁଖ-ଦୁଃଖ, ଯଶ-ଅପଯଶ, ଉତ୍‌ଥାନ-ପତନ ଆଦି ନାନା କଥା-ବ୍ୟଥା – ଏସବୁକୁ ଆପଣାର କରି ଆତ୍ମଲିପିଟି ଅତୀବ ମଞ୍ଜୁଳ । ପୁସ୍ତକଟି ଓଡ଼ିଶା ସଂସ୍କୃତିର ରସୋତ୍ତୀର୍ଣ୍ଣ ଇତିହାସ, ଏକ ନିର୍ଭୁଲ ସାମାଜିକ ସନନ୍ଦ । ଓଡ଼ିଆ ସାହିତ୍ୟ-ସଂସ୍କୃତି ମନସ୍କ କାଳୀଚରଣ । ସେ କାୟ-ମନୋ-ବାକ୍ୟରେ ଏଥି ପ୍ରତି ସମର୍ପିତ । ଓଡ଼ିଆ ସଂସ୍କୃତିକୁ ସେ ବହୁ ଭାବରେ, ବହୁ ରୂପରେ ପରିପୁଷ୍ଟ କରିଛନ୍ତି । ପହଞ୍ଚାଇଛନ୍ତି ଯଶ-ଖ୍ୟାତିର ଶୀର୍ଷରେ । କବିଚନ୍ଦ୍ରଙ୍କ ‘କୁମ୍ଭାର ଚକ’ ଏକ ଅନବଦ୍ୟ କୃତି । ଆତ୍ମଲିପିଟି କେନ୍ଦ୍ର ସାହିତ୍ୟ ଅକାଦମୀ ପୁରସ୍କାର ବିଜେତା । ଏହାର ସ୍ରଷ୍ଟା ଅନନ୍ୟ, ଅସାଧାରଣ ନିଶ୍ଚୟ ।

ଭାଗ୍ୟ, ମଣିଷ – ଉଭୟ ଦ୍ୱାରା ପରାଜିତ କାଳୀଚରଣ । ନିଜକୁ ମଣିଛନ୍ତି ଫଟା କପାଳିଆ । କେବେ ସେ କ୍ଷତାକ୍ତ, କେବେ ଅସହାୟ, ଆଉ କେତେବେଳେ ଧୂଳିମାଟିରେ ପତିତ । ମନେ ପକେଇଛନ୍ତି କୁମ୍ଭାର କଥା । ସେଇ କୁମ୍ଭାର ଅଦୃଷ୍ଟ, କାହା ପାଇଁ ଈଶ୍ୱର, ପରଂବ୍ରହ୍ମ, ପରମାତ୍ମା, କିଏ କେତେ ବାଗରେ ତାଙ୍କୁ ଡାକେ, ତାଙ୍କ କରୁଣା ଭିକ୍ଷାକରେ । କାଳୀଚରଣଙ୍କ ପାଇଁ ସେ ଅଦୃଶ୍ୟ କୁମ୍ଭାର । ଜୀବନର ଚକ (ପେଷା ବା ପେଷଣା) ଘୂରୁଛି । ଚକ ଭିତରେ କିଳା (ଖିଲ) ଅତିସାନ, ଚକି ଘୂରିବାଟା ସମସ୍ତଙ୍କ ଆଖିରେ ପଡ଼େ, ହେଲେ ଚକି ଭିତରେ ଛୋଟ କିଳାଟି, ରହିଯାଏ ଅଦେଖା । ସେହିପରି କୁମ୍ଭାର ମାଟି ହାଣେ, ଚକଟେ, ଚକ ବୁଲାଏ, ତା’ରି ଇଚ୍ଛା, ତା’ରି ପସନ୍ଦ । ଗଢ଼େ ହାଣ୍ଡି, ଆଟିକା, ସରା, ମାଠିଆ । ହଣା, ଦଳା, ଚକଟା – ସେତେବେଳେ ମାଟିର ରୂପ ଅଲଗା । ଗଢ଼ା ସରିଲେ ଅଲଗା ରୂପ । ଠିକ୍ ସେମିତି, କୁମ୍ଭାର ଚକରେ ଗଢ଼ା କାଳୀଚରଣଙ୍କ ଜଞ୍ଜାଳିଆ ଜୀବନ । ପୁରା ୭୫ ବର୍ଷର କଥା । ସୁଖ, ଦୁଃଖ, ହସ, କାନ୍ଦ, ଖ୍ୟାତି କୀର୍ତ୍ତି; କେତେବେଳେ ହତାଶା ବ୍ୟର୍ଥତା, ଜୀବନର ହାହାକାର; ଲେଖକ ବେଉନ୍ତିବାରେ ତ୍ରୁଟି କରିନାହାନ୍ତି । ଓଡ଼ିଆ ସାହିତ୍ୟ-ସଂସ୍କୃତିର ଏକ ନିଖୁଣ ଚିତ୍ର ‘କୁମ୍ଭାର ଚକ’ – ଏହା ଅନସ୍ୱୀକାର୍ଯ୍ୟ । ପିଲାଦିନ, ଚାକିରି ଜୀବନ, କଳା ଜୀବନ, ଓଡ଼ିଶା ରଙ୍ଗମଞ୍ଚ ଇତିହାସ, ଡାଏରୀରୁ ଯତ୍ କିଞ୍ଚିତ୍, ପଦ୍ମଶ୍ରୀ, ଡକ୍ଟରେଟ୍, ବିଦାୟ ମାଗୁଣି – ଏଇସବୁ ପରିଚ୍ଛେଦକୁ ନେଇ ‘କୁମ୍ଭାର ଚକ’ । ଆତ୍ମଲିପିଟିରେ ସ୍ଥାନିତ ପ୍ରତିଟି ଲେଖା, ସେବେକା ‘କଳିଙ୍ଗ’, ‘ଆସନ୍ତାକାଲି’, ମାସିକ ପତ୍ରିକା ‘ସହକାର’ରେ ପ୍ରକାଶ ପାଇଥିଲା । ବହୁ ଜନାଦୃତ ହେଲା, ଶେଷରେ ପୁସ୍ତକ ଆକାରରେ ସୂର୍ଯ୍ୟାଲୋକ ଦେଖିଲା (ଦୋଳପୂର୍ଣ୍ଣିମା, ୧୯୭୫) ।

କାଳୀଚରଣଙ୍କ ଗେଲବସରିଆ ପିଲାଦିନ । ପିତା ଦୁର୍ଗାଚରଣ ପଟ୍ଟନାୟକଙ୍କ ବଡ଼ମ୍ବା ରାଜଦରବାରରେ ଦେବାନ । ତାଙ୍କ ଗାଁ ବାଙ୍କି ଖମାରଙ୍ଗ । କିନ୍ତୁ କାଳୀଚରଣଙ୍କ ଜନ୍ମ ବଡ଼ମ୍ବାରେ । ବଉଳ ଅମାବାସ୍ୟା, ୧୮୯୭ ମସିହା, ଡିସେମ୍ବର ୨୩ ତାରିଖ (୧୩୦୫ ସାଲ, ଧନୁ ଦଶଦିନ) । ଏ ଦିନ କାଳୀଚରଣ ଦେଖିଲେ ପହିଲି ସୂର୍ଯ୍ୟାଲୋକ । ବାପା, ମା’ଙ୍କର ଏକୋଇରବଳା ବିଶିକେଶନ ‘କାଳୀଚରଣ’ । ତାଙ୍କ ଉପରେ ଭାଇ, ଭଉଣୀ ବାହୁଡ଼ି ଥିଲେ । କାଳୀଙ୍କ ବାଲ୍ୟକାଳ, ହସ ଖୁସିରେ ବିତିଲା । ତାଙ୍କ ହେତୁ ହେଲା । ବଡ଼ମ୍ବା ଗଡ଼ରେ ସରସ ସାଂସ୍କୃତିକ ଜୀବନ । ନାଟକ, ଯାତ୍ରା, ଗୋଟିପୁଅ ନାଚ, ରାସଲୀଳା, ମୋଗଲ ତାମସା, କେଳାକେଳୁଣୀ ନାଚ – ବର୍ଷସାରା ଚାଲେ । ପିଲାଦିନୁ କାଳୀଚରଣ ଏସବୁ ଦେଖିଲେ । କଳାପ୍ରତି ତାଙ୍କର ଆଗ୍ରହ ବଢ଼ିଲା । କଥାରେ ଅଛି – ‘ଚାଟଘର ପୁଅ ଚାଟ’, ‘ଓଳି ଘେନି କୋଳି’ । ଏ କଥାଟି କାଳୀଚରଣ ଜୀବନରେ ପରୀକ୍ଷିତ । ତାଙ୍କ ବାପା, ଜେଜେବାପାଙ୍କ ସଂଗୀତ ପ୍ରୀତି । ଘରେ ଓଡ଼ିଶୀ ଆସର ଜମେ । କାଳୀଙ୍କ ମା’ଙ୍କର କିଛି କିଛି ସଂସ୍କୃତ ଜ୍ଞାନ, ଛାନ୍ଦ ଚଉପଦୀ ଗାଆନ୍ତି । ‘ବୈଦେହୀଶ ବିଳାସ’ ଆବୃତ୍ତି କରନ୍ତି । ଭାରି ମଧୁର ତାଙ୍କର ସ୍ୱର । ପିଲାବେଳେ କାଳୀଚରଣ ସଂଗୀତ ପ୍ରତି ଆକୃଷ୍ଟ ହେଲେ । ବଡ଼ମ୍ବାରେ ନାଁ ଡାକ ଚନ୍ଦନଯାତ୍ରା । ରାମଲୀଳା ଜାକଜମକରେ ଚାଲେ । ବିଭିନ୍ନ ଯାତ୍ରା ଦଳ ଆସନ୍ତି । ନାଟକ ଅଭିନୀତ ହୁଏ । ବେଳେ ବେଳେ କାଳୀ ତାଙ୍କ ମା’ଙ୍କୁ ପକଳାପାକଳି କରି ମନ ନିଅନ୍ତି । ତାଙ୍କ ଦାଣ୍ଡରେ ଚାଲେ ଯାତ୍ରା । କାଳୀଚରଣ ଉପଭୋଗ କରନ୍ତି । ଯାତ୍ରା ଆଡ଼େ ତାଙ୍କ ମନ ଚାଲିଲା । ନିଜେ କିଛି କିଛି ଗାଇବାକୁ ଚେଷ୍ଟାକଲେ । ତାଙ୍କର ଶିକ୍ଷକମାନେ, ସମସ୍ତେ ଉଣା ଅଧିକେ ସଂଗୀତ-ରସିକ, କେତେଜଣ କବି ବି । କାଳୀଚରଣ ସେମାନଙ୍କ ଠାରୁ ପାଇଲେ ପ୍ରୋତ୍ସାହନ । ଲେଖା ଲେଖି ଆରମ୍ଭ କଲେ । ସେ ଖୋର୍ଦ୍ଧା ହାଇସ୍କୁଲର ଛାତ୍ର । ବାହାରିଲା ସାହିତ୍ୟ ପ୍ରତିକାଟେ – ‘ଉଦୁଉଦୁମା’ । ଏଥିରେ ତାଙ୍କର କବିତାଟେ ସ୍ଥାନ ପାଇଲା । କାଳୀ ହେଲେ ଉତ୍ସାହିତ । ଅଧିକରୁ ଅଧିକ ଲେଖିଲେ । କଳାଜଗତରେ ନାଁ ରଚିଲେ । ଓଡ଼ିଶାର ନାଁ ଡାକ ପତ୍ରିକା ‘ଉତ୍କଳଦୀପିକା’ ଆଉ ‘ମୁକୁର’ । କିଛି ସମୟ ପାଇଁ ଏ ଦୁଇ ପତ୍ରିକାର ସମ୍ପାଦନା ଦାୟିତ୍ୱରେ ଥିଲେ କାଳୀଚରଣ ।

କାଳୀଚରଣଙ୍କ ଆଉ ଗୋଟେ ଅନୁଭୂତି । ତାଙ୍କ ଦୁଆରରେ ପୁରାଣ ହୁଏ । ବୋଉ ବି ପୁରାଣ କଥା କହନ୍ତି । ପିଲାବେଳେ ସେ ଶୁଣିଥିଲେ, ସ୍ୱର୍ଗପୁରରେ ଗନ୍ଧର୍ବମାନେ ଗୀତ ବୋଲନ୍ତି । ବୋଉ କଳଗାଉଣା ନିତି ଶୁଣିଲେ । ଗୀତ ଶୁଣି ଶୁଣି ସେ ଆକଳନ କରିନେଲେ, ଗନ୍ଧର୍ବମାନଙ୍କ ବେଶପୋଷାକ ଠଉରେଇ ନେଲେ । ସବୁ ସେଇ ଗୀତ ଶୁଣାରେ । କଳ୍ପନା ତାଙ୍କ ଆଖି ଆଗରେ ନାଚୁଥିଲା । ଗନ୍ଧର୍ବ ପାଟ ପୀତାମ୍ବରୀ ପିନ୍ଧିଥିବେ, ମୁଣ୍ଡରେ ମୁକୁଟ, ବେକରେ ସୋରା ସୋରା ହୋଇ ମୋତି ମାଣିକ୍ୟର ହାର, ଝଟକୁଥିବ, ଗୋରା ତକତକ ଦିହ – ଏମିତି ଭାବନ୍ତି । ସେମାନଙ୍କୁ ଥରେ ଦେଖିବାକୁ ମନ ବଳାନ୍ତି । ରାଜା ବିଶ୍ୱମ୍ଭର, କାଳୀଚରଣଙ୍କ ଗୀତାଭ୍ୟାସ କଥା ଶୁଣିଥିଲେ । ବରାଦ ଦେଲେ କାଳୀଚରଣ ଗୀତଟି ଗାଇଲେ – “ଆସୁଛି ବ୍ରଜବାସୀ...” । କାଳୀଙ୍କ ମନଜିଣା ସ୍ୱର ଭାରି ମଧୁର, ରାଜା ମୁଗ୍ଧ ହେଇଗଲେ । ପୁରସ୍କାର ବି ଦେଲେ । ଦିନେ ଦୁର୍ଗାଚରଣଙ୍କୁ ଡାକିଲେ, କାଳୀଚରଣର ଗାନ ଶୈଳୀକୁ ପସନ୍ଦ କଲେ, ବାଃ ବା କଲେ । ଆନନ୍ଦରେ କହି ପକାଇଲେ – “ଦୁର୍ଗାଚରଣ ! କାଳୀ ଏକା ବାପାର ପୁଅ । ଶୁଣିଲ କେମିତି ଗାଇଲା ! କି କଣ୍ଠ ! କେମିତି କଳ ଗାଉଣାରୁ ଛଡ଼ାଇ ଆଣିଛି ! ପାଠ ପଢୁ – ହେଲେ ଗୀତ ଟିକିଏ ଟିକିଏ ଶିଖୁ । ଯୋଗୀ ପଟ୍ଟନାୟକ ନଜର ଦେଲେ, ପିଲାଟା ଭଲ ଗାଇବ ।” ରାଜାଙ୍କ କଥା ସତ ହେଲା । ରାଜା କାଳୀଙ୍କୁ ବାରମ୍ବାର ପୁରସ୍କୃତ କଲେ, ଉତ୍ସାହ ବଢ଼ାଇଲେ । ଜେଜେ ନିମାଇଁ ପଟ୍ଟନାୟକ, ପିଲାଦିନେ ତାଙ୍କୁ ଅମରକୋଷ ଘୋଷାଉଥିଲେ । ସହଜରେ ହେତୁ ହେବ । ସେଇଥି ପାଇଁ ପଦ୍ୟକୁ ଛନ୍ଦରେ ତିଆରି କରି ପଢ଼ାଉଥିଲେ । କାଳି ବି ଗୀତ ଗାଇବାରେ ମଜ୍ଜିଗଲେ । କ୍ରମେ ଓସ୍ତାଦ୍ ହେଇଗଲେ ।

କାଳୀଚରଣଙ୍କ ସଂଗୀତମୟ ଜୀବନ । ନଗଦା ନଗଦି ପରୀକ୍ଷା ଦେଇ ଥାଆନ୍ତି । ରହଣି କଟକରେ, ସେଠାରେ ନିତି ଗାଆଣ ବଜାଣ ଚାଲେ । ସେ ସମୟର ଦୁଇ ଓସ୍ତାଦ୍ – ଖାନୁ ମିଆଁ, ମାଧବ ରାଓ । କାଳୀଚରଣ ଆଗରୁ ହିନ୍ଦୁସ୍ତାନୀ ଗାଉଥିଲେ । ଖାନୁମିଆଁ ଠାରୁ ଶିଖିଲେ ଓଡ଼ିଶୀ । ରାଗ-ରାଗିଣୀ, ବାଦୀ-ବିବାଦୀ, ଆରୋହ-ଅବରୋହ, ସ୍ୱର ନିୟମ – ଏ ସବୁ ଓଡ଼ିଶୀର ବିଧି । କାଳୀ ଶିଖିଲେ, କ୍ରମେ ପୋଖତ ହେଲେ । ଏଥି ସହିତ ବଂଶୀ ବାଦନ, ସେତାର ବାଦନ – ସେ ଆଡ଼େ ନିଘା ଦେଲେ । ସାଧନାରୁ ସିଦ୍ଧି । କାଳୀଚରଣ ଏକ ପ୍ରକାର ବିଶାରଦ ପାଲଟିଗଲେ । ଆକୃଷ୍ଟ ହେଲେ ରାସଲୀଳା ଆଡ଼େ । ସାକ୍ଷାତ୍ ହେଲା ଗୋବିନ୍ଦ ଶୂରଦେଓଙ୍କ ସହ । ଶୂରଦେଓ ଜଣେ ନିରୋଳା କଳାକାର, ତାଙ୍କର ଅହେତୁକ ରାସ-ନିଶା । ରାସରେ ତାଙ୍କର ନିଜସ୍ୱ ପରିକଳ୍ପନା । ସେ ଜଣେ ବିଶିଷ୍ଟ ଗୀତିକାର । ଓଡ଼ିଶୀ ଢଙ୍ଗର ଗୀତ, ଛାନ୍ଦବୃତ୍ତ ଧାଡ଼ିରେ, ସ୍ଥାନକୁ ମନାଇ ହିନ୍ଦୁସ୍ତାନୀ ଚୁଟୁକି, ସବୁ ଗୀତ ଗଜଲ ସ୍ୱରରେ, ଏଥିରେ ନଥାଏ କର୍ଣ୍ଣାଟକୀ ଢଙ୍ଗ । ଏଇଟି ଶୂରଦେଓଙ୍କ ବିଶେଷତ୍ୱ । ‘ଯାହା ମନ ଯହିଁକି ରସେ’ – କାଳୀଚରଣଙ୍କୁ ରାସ ନିଶା ଘାରିଲା । ଓଡ଼ିଶା ସାରା, ଚଖାଇଲେ ରାସ-ରସ, ବେଶ୍ ନାଁ କଲେ । ଦୁର୍ଦ୍ଦିନ ଆସିଲା, ନୂଆଗଡ଼ରେ ଚାଲିଥାଏ ରାସାଭିନୟ । ଟିକଟ ବିକ୍ରି କମିଲା, ଖାଇଖୋରାକି ଉଠିଲାନି । କାଳୀଚରଣ କାମିଜରେ ଲାଗିଥିଲା କେଇଟି ସୁନା ବୋତାମ, ତାକୁ ବିକିଲେ । ମନ ତୁଟିଲା । ରାସଦଳ ଭାଙ୍ଗିଲା, ପୁନଶ୍ଚ ନାଟକ ଆଡ଼େ ମନ । ଗଢ଼ିଲେ ‘ଓଡ଼ିଶା ଥିଏଟର୍ସ’, ବହୁ ନାଁ କରା ଅନୁଷ୍ଠାନ, ତା’ ବି ଉଧେଇଲାନି । କଳାର ଲୋଡ଼ା ପୃଷ୍ଠପୋଷକତା । ତାହା ତ ମିଳିଲାନି । ଧୋବଧାଉଳିଆ, ଗନ୍ତା ଜୋଡ଼ିଆ, ବଡ଼ବଡ଼ିଆ – ସମସ୍ତେ ମାଗଣା ଦେଖିବେ । ତାଙ୍କ ପାଇଁ ପାଶ୍ ଲୋଡ଼ା । ସହଜେ ତ ପାର୍ଟି ହାତରୁ ଖାଇ ଗଣ୍ଡିଲି ବୋହିବା କଥା, ସେଥିରେ ପୁଣି ଏ ଅବ୍ୟବସ୍ଥା । ଓଡ଼ିଶା ଥିଏଟର୍ସର ସମଦଶା । କାଳୀଚରଣଙ୍କ ଦଶ ଦିଗ ଅନ୍ଧାର, ସାହାରାହା ନାହିଁ, କାଳିଆ ଏକା ସାହା ଭରସା ।

‘ଯାହା କରିବେ ସାଇଁ, ତା’ କାହାରି ହାତରେ ନାହିଁ’ – କାଳୀଚରଣ ଏକଥା ଜାଣିଥିଲେ । ଜୀବନରେ ଆସିଛି ଦୁଃଖ, ପାଣି ପରି ମିଳେଇ ଯାଇଛି, ପୁଣି ନୂଆ ସାହା ରାହା । ତାଙ୍କ ମେଟ୍ରିକ୍ ପରୀକ୍ଷା ବର୍ଷ, ବାପା ଆରପାରିକି ବାଟ କାଟିଲେ । କଲେଜ ପଢ଼ା ସରିଲା । ଏବେ ଜୀବନ-ଜୀବିକା କଥା, ଚାକିରି ଆଡ଼େ ମନ ବଳାଇଲେ । ସାହାଯ୍ୟର ହାତ ବଢ଼େଇଲେ ବଡ଼ମ୍ବା ରାଜା । କାଳୀଚରଣ ‘ରାମ୍‌ସେ’ ସାହାବଙ୍କୁ ଭେଟିଲେ । ସାହାବଙ୍କ କୋଠି ସମ୍ବଲପୁରରେ । ସାହାବଙ୍କ ଆଶୀର୍ବାଦ, ଶେଷରେ ପାଇଲେ ଚାକିରି ଖଣ୍ଡେ । ଖଣ୍ଡପଡ଼ା ରାଜା ଭାରି ସଂଗୀତ ରସିକ । ପହିଲି ଦେଖା, ରାଜାଙ୍କୁ ଖାଲି ହାତରେ ସାକ୍ଷାତ ଅବିଧି । ବାପ ଛେଉଣ୍ଡ କାଳୀଚରଣ । କି ଭେଟି ବା ଦେବେ ? ନିଜେ ଲେଖିଥିଲେ ଚଉପଦୀଟେ – “ସୁଧା ସିନ୍ଧୁହେ ! କାହିଁ ଲୁଚାଇଛୁ ଧନ, ପୂର୍ଣ୍ଣ ମୁଖ ଇନ୍ଦୁ ।” ଏଇଟି ଘୋଷା, ଗୀତଟିର ଭଣିତି – “ସ୍ୱପ୍ନେ ଜାଗରଣେ ହୋଇ ବଣା / କ୍ଷଣ କ୍ଷଣକେ ଦିଶୁ ବିଚକ୍ଷଣା / କିଣା ଠାରୁ ମୁଁ ଅଧିକ କିଣା / ରାମଚନ୍ଦ୍ର ନୃପ ଭାଷେ ମନେଥିବି ବନ୍ଧୁ ।” ରାଜାଙ୍କ ନିର୍ଦ୍ଦେଶ, କାଳୀ ସେଇ ଗୀତଟି ଗାଇଲେ । ମଧୁରିଆ ସୁର । ରାଜା ବିହ୍ୱଳ । କାଳୀଙ୍କୁ ମିଳିଲା ଚାକିରିଟେ । ରାଜାଙ୍କ ଆଦର, କାଳୀଚରଣ ଘିଅ ମହୁରେ ଭାସିଲେ । କ୍ରମେ ଚାକିରି ଆଡ଼େ ମନ ତୁଟିଲା । ରାସଦଳ ଗଢ଼ିଲେ, ଖଣ୍ଡପଡ଼ାରୁ ଚାକିରି ଛାଡ଼ିଲେ । (କ୍ରମଶଃ ...)

# ସାହିତ୍ୟ, ସଂସ୍କୃତି, ପରମ୍ପରାର ଅନ୍ତଃସ୍ୱର – ପାଲା



ଡ. ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର, ମୋ-୯୪୩୭୯୫୭୬୧୭

ବାଦ୍ୟ, ସଙ୍ଗୀତ, ନୃତ୍ୟର ତ୍ରିବେଣୀ ସଙ୍ଗମ ହେଉଛି, ଲୋକ ନାଟକ । ଯେଉଁଠି ସଙ୍ଗୀତର ପ୍ରାଧାନ୍ୟ ପରିଲକ୍ଷିତ ହୁଏ, ତାହା ସଙ୍ଗୀତ ଧର୍ମୀ ଲୋକ ନାଟକ । ଓଡିଆ ନାଟକର ଅନ୍ୟତମ ବଳିଷ୍ଠ ବିଭାଗ ହେଉଛି ‘ପାଲା’ । ପାଲା ହେଉଛି ଓଡିଶାର ଲୋକପ୍ରୀୟ ସାଂସ୍କୃତିକ ଅନୁଷ୍ଠାନ । ଏହି ଅନୁଷ୍ଠାନ ପୁରପଲ୍ଲୀରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ନିଜର ଆଧିପତ୍ୟ ଜାହିର କରି ପାରିଛି । ଜନସାଧାରଣଙ୍କ ଚିନ୍ତାକୁ ରସସିକ୍ତ ଆବରଣ ଅନ୍ତରାଳରେ ସାହିତ୍ୟାନୁରାଗୀ କରାଇବାରେ ପାଲାର ଏକ ସ୍ୱତନ୍ତ୍ର ଭୂମିକା ରହିଛି ।

ହିନ୍ଦୁ ଓ ମୁସଲମାନ ମାନଙ୍କ ମଧରେ ପରସ୍ପର ପ୍ରତି ଅସହିଷ୍ଣୁତା ଦେଖା ଦେଇଥିବା କାଳରେ ‘ଦାସକାଠି’ର ଜନ୍ମ ହୋଇଥିବା ସ୍ଥଳେ, ସେମାନଙ୍କ ମଧରେ ସୌହାର୍ଦ୍ଧ୍ୟ ଆସିବା ସମୟରେ ପାଲାର ସୃଷ୍ଟି ହୋଇଛି । ହିନ୍ଦୁ ମୁସଲମାନ ମାନଙ୍କ ଚିନ୍ତାଧାରର ମଧୁର ମିଳନରୁ ପାଲାର ଜନ୍ମ । ମୁସଲମାନ ମାନେ ଓଡିଶା ଅଧିକାର କରିବାର ବହୁ ଆଗରୁ ଆମ ଓଡିଶାକୁ ମୁସଲମାନ ସାଧକ ମାନେ ଆସିଥିଲେ । ସେମାନେ ହିନ୍ଦୁଙ୍କର ଧର୍ମ ସାଧନା ସହିତ ନିଜର ଧର୍ମୀୟ ଚିନ୍ତାଧାରାକୁ ମିଶାଇ ଦେଇଥିଲେ । ସେହି ସାଧକ ମାନେ ତାଙ୍କର ସାଧନା ସହ ସଂପୃକ୍ତ ଥାଇ ମଧ ହିନ୍ଦୁ ମାନଙ୍କର ଓଷାବ୍ରତ କରୁଥିବାର ପ୍ରମାଣ ରହିଛି ।

ପାଲା ଶବ୍ଦର ବ୍ୟୁତ୍ପତି ସମ୍ପର୍କରେ କୁହାଯାଇଛି- ‘ପାଲ୍ୟତେ୍ୟ’ ସଂସ୍କୃତି ଶବ୍ଦରୁ ଅପଭ୍ରଂଶରେ ପାଲା ହୋଇ ଅଛି । ଅନେକ ସମାଲୋଚକ ପାତ୍ତାଳି ଶବ୍ଦରୁ ପାଲା ଶବ୍ଦର ଉତ୍ପତି ହେବା କଥା କହିଛନ୍ତି । ଏପରି ବିଚାର କରିବାର ମୂଳ କାରଣଟି ହେଉଛି, ଗାୟକ ଗାନ କରିବା ପରେ ପାଳିଆ ମାନେ ପାଳି ଧରି ବୋଲୁ ଥିବାରୁ, ଏହାର ନାମ ପାଲା ହୋଇଛି । ପାଲା ଉଦ୍ଦେଶ୍ୟରେ ଯେଉଁ ଆସ୍ଥାନ ସ୍ଥାପନ କରାଯାଏ, ସେ ଆସ୍ଥାନରେ ଏକ କାଳୀନ ପଂଚଦେବଙ୍କୁ ପୂଜା କରାଯାଏ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଚୈତନ୍ୟଙ୍କ ଓଡିଶା ଆଗମନ ବେଳକୁ ଓଡିଶା ଥିଲା ସ୍ୱାଧୀନ ରାଜ୍ୟ । ପରେ ଏହା ମୁସଲମାନ ଶାସନାଧୀନ ହେଲା । ବିଶେଷ କରି ମୁସଲମାନ ରାଜୁତି ସମୟରେ ପାଲାର ସୃଷ୍ଟି ହୋଇଛି । ଏହାର କାରଣ ପାଲାର ‘ସତ୍ୟପୀର’ ଦେବତା ହିନ୍ଦୁ (ସତ୍ୟ) ଓ ମୁସଲମାନ (ପୀର)ଙ୍କ ସମନ୍ୱୟରେ ସୃଷ୍ଟି । ଏ ସଂପର୍କରେ କ୍ଷିତି ମୋହନ ସେନ କହିଛନ୍ତି- ପାଲାରେ ସତ୍ୟପୀରଙ୍କ ମହିମା ବର୍ଣ୍ଣନା ଓ ପୂଜା ପଦ୍ଧତିରେ ହିନ୍ଦୁ ମୁସଲମାନ ମାନଙ୍କ ପୂଜାର କେତେକ ସମନ୍ୱୟ ଓ ସାମ୍ୟ ରହି ଥିବାରୁ, ଏହି ପାଲା ମୁସଲମାନ ଏବଂ ହିନ୍ଦୁଙ୍କ ସୌହାର୍ଦ୍ଧ୍ୟପୂର୍ଣ୍ଣ ବନ୍ଧୁତାର ଏକ ନିଦର୍ଶନ ।

ପାଲାର ବିଷୟବସ୍ତୁ ପ୍ରାଚୀନ କବି ମାନଙ୍କର ରଚନାକୁ ଗ୍ରହଣ କରାଯାଇ ବିଭିନ୍ନ ସାହିତ୍ୟିକ ଅଳଙ୍କାର ଓ ସଙ୍ଗୀତ ମାଧମରେ ଗାୟକ, ବାୟକ ଓ ପାଳିଆ ମାନଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ବିଶେଷ କରି ଗାୟକ ବିଷୟବସ୍ତୁକୁ ଗାୟନ କରିବା ସମୟରେ ପାଳିଆ ମାନେ ବାଦ୍ୟର ତାଳେ ତାଳେ ପାଳି ଧରିଥାନ୍ତି । ବାୟକ ବାଦ୍ୟ ଦ୍ୱାରା ଏହାକୁ ଅଧିକ ରୁଚିକର କରିଥାଏ । ପାଲାରେ ନୃତ୍ୟ, ସଙ୍ଗୀତ, ବାଦ୍ୟ ଓ ଅଭିନୟର ମିଶ୍ରିତ ରୂପରେଖ ଦେଖିବାକୁ ମିଳିଥାଏ । ପ୍ରଥମେ ପାଲା ମଂଚରେ ବାୟକ ମୃଦଙ୍ଗର ବିଭିନ୍ନ ତାଳକୁ ପରିବେଷଣ କରିଥାନ୍ତି । ଏହାପରେ ପାଳିଆମାନେ କ୍ରମାନ୍ୱୟରେ ଆସି ବିଭିନ୍ନ ଭକ୍ତି ମୂଳକ ଭଜନ ପରିବେଷଣ କରନ୍ତି । ଶେଷରେ ଗାୟକ ଆସି ମଙ୍ଗଳା ଚରଣ ପୂର୍ବକ ବିଷୟବସ୍ତୁକୁ ଉପସ୍ଥାପନ କରନ୍ତି । ଗାୟକ ଓ ବାୟକ ବ୍ୟତୀତ ପାଲା ମଂଚରେ ଆଉ ୪ ଜଣ ପାଳିଆ ରହିଥାନ୍ତି । ଏହି ପାଳିଆ ମାନଙ୍କ ମଧରେ ଜଣେ ଶ୍ରୀ ପାଳିଆ ଥାନ୍ତି । ସେ ଗାୟକଙ୍କ ପ୍ରଧାନ ସହକାରୀ ।

ଉପରୋକ୍ତ ଶୈଳୀର ପାଲାକୁ ଠିଆ ପାଲା କୁହା ଯାଇଥାଏ । ତେବେ ବୈଠକି ପାଲା ନାମରେ ଆଉ ଏକ ପ୍ରକାର ପାଲା କରାଯିବାର ପରମ୍ପରା ରହିଛି । ବୈଠକି ପାଲାରେ ଯଜମାନ ତାର ଅଗଣାରେ ଛୋଟ ଛାମୁଡିଆ କରେ । ସତ୍ୟ ନାରାୟଣ ଠାକୁରଙ୍କୁ ଉକ୍ତ ବୈଠକରେ ସ୍ଥାପନ କରି ବେଦୀ ଚାରିପଟେ କାଣ୍ଡ, ତୀର, ଚାମର, କଟାରୀ, ମୟୁର ଚନ୍ଦ୍ରିକା ମଣ୍ଡନ କରାଯାଏ । ଏହି ବୈଠକି ପାଲାରେ ପୁରେହିତ ହିଁ ଗାୟକ ସାଜେ । ଏହା କେବଳ ଯଜମାନର ମନସ୍କାମନା ପୂର୍ଣ୍ଣ ନିମିତ୍ତ କରାଯାଇ ଥାଏ ।

ଠିଆ ପାଲା ସଂପୂର୍ଣ୍ଣ ଭାବେ ସ୍ୱତନ୍ତ୍ର । ସନ୍ତାନ ସନ୍ତତିଙ୍କ ଜନ୍ମୋତ୍ସବ ପାଳନ ନିମନ୍ତେ ନିମନ୍ତ୍ରିତ ପାଲା ଦଳଙ୍କ ଦ୍ୱାରା ହେଉଥିବା ପାଲାକୁ ଠିଆପାଲା କୁହାଯାଏ । ସେହିପରି ବିଭିନ୍ନ ପ୍ରକାରର ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲାର ବିଶେଷ ଗୁରୁତ୍ୱ ରହିଛି । ଠିଆପାଲା କହିବାର କାରଣ ଏହି ପାଲା ଦଳର ଗାୟକ, ବାୟକ ଓ ଅନ୍ୟ ପାଳିଆ ମାନଙ୍କ ଦ୍ୱାରା କୌଣସି ଏକ ବିଷୟବସ୍ତୁକୁ ମଂଚ ଉପରେ ଠିଆ ହୋଇ ଏହା ପରିବେଷଣ କରାଯାଇ ଥାଏ । ଗାୟକ ହେଉଛନ୍ତି ଏଥିରେ ମୁଖି ହୋଇଥିବା ବେଳେ ଜଣେ ଶ୍ରୀ ପାଳିଆ ଏବଂ ଡାହାଣ ପାଳିଆ ଥାନ୍ତି । ଡାହାଣ ପାଳିଆ ଜଣେ ପ୍ରବୀଣ ବ୍ୟକ୍ତି ହୋଇଥିବା ଆବଶ୍ୟକ । ଗାୟକ ଗୀତ ବୋଲୁ ବୋଲୁ କୌଣସି କାରଣରୁ ଅଟକି ଗଲେ ଶ୍ରୀ ପାଳିଆ ପଦ ସ୍ମରଣ କରାଇ ଦିଏ । ମୃଦଙ୍ଗର ତାଳେ ତାଳେ ଗାୟକ ଓ ପାଳିଆ ମାନଙ୍କ ସୁମଧୁର ଭକ୍ତି ସଙ୍ଗୀତ ଜନମାନସକୁ ଆନନ୍ଦ ପ୍ରଦାନ କରିଥାଏ । ଏହା ବ୍ୟତୀତ ପାଳିଆ ମାନେ ପାଲାର ବିଷୟବସ୍ତୁ ମଧରେ ପ୍ରସଙ୍ଗ ଆଧାରିତ ହାସ୍ୟରସର ଉପସ୍ଥାପନ କରିଥାନ୍ତି । ଭଜନ ଓ ସ୍ତୁତି ମଧ ଏଠାରେ ଗାନ କରାଯାଇ ଥାଏ । ପାଲା ବିଷୟରେ ଏମାନଙ୍କ ପ୍ରସଙ୍ଗ ଆଧାରିତ ଅଙ୍ଗାଭିନୟ ଦର୍ଶକ ମାନଙ୍କ ମନୋରଂଜନ କରିଥାଏ ।

ପାଲାର ସମସ୍ତ ସଦସ୍ୟ ରଙ୍ଗୀନ ପୋଷାକ ପରିଧାନ କରିଥାନ୍ତି । ଗାୟକଙ୍କ ପୋଷାକ ପାଳିଆ ମାନଙ୍କ ଠାରୁ ସ୍ୱତନ୍ତ୍ର ଅଟେ । ଗାୟକ ବାମ ହାତରେ ଚାମର, କାନରେ କୁଣ୍ଡଳ, ଦୁଇହାତରେ ମୋଟା ରୂପା ଖଡୁ, ଅନନ୍ତ ବ୍ରତ, ଅଣ୍ଟାରେ ରୂପା ଅଣ୍ଟା ସୂତା, କପାଳରେ ସିନ୍ଦୁର ଟୋପା, ଆଖିରେ କଳା, କାନ୍ଧରେ ପାଟ ଚାଦର, ମସ୍ତକରେ ଜରିଶିଖ ଟୋପି ପରିଧାନ କରିଥାନ୍ତି । ପାଳିଆମାନେ ପାଦରେ ଘାଗୁଡି ବାଜେଣୀ ବଳା ପିନ୍ଧଥାନ୍ତି ।

ପାରମ୍ପରିକ ବାଦ୍ୟ ପାଲାରେ ବ୍ୟବହାର ହୋଇଥାଏ । ଯଥା ମୃଦଙ୍ଗ, ଗିନି, ଝାଞ୍ଜ । ଗାୟକ ଦକ୍ଷୀଣ ହସ୍ତ ଅଙ୍ଗୁଳିରେ ଦୁଇଟି ଛୋଟ ଛୋଟ ଗିନି ସଂଯୁକ୍ତ କରିଥାଏ । ଏଥିରେ ଗାୟକ ଗୀତ ସହ ତାଳ ଦେଇଥାନ୍ତି । ମୃଦଙ୍ଗ ପାଲାର ମୁଖ୍ୟ ବାଦ୍ୟ । ଯାହା ବାୟକ ଦ୍ୱାରା ବାଦନ କରାଯାଏ । ଅନ୍ୟ ପାଳିଆ ମାନେ ଝାଞ୍ଜର ସାହାଯ୍ୟ ନେଇଥାନ୍ତି ।

ପାଲାର ବିଷୟବସ୍ତୁକୁ ପର୍ଯ୍ୟାଲୋଚନା କଲେ, ଲୋକ ସାହିତ୍ୟ ଅପେକ୍ଷା ବିଧଗ୍ଧ ସାହିତ୍ୟର ପ୍ରଭାବ ପରିଲକ୍ଷିତ ହୁଏ । ପାଲାର ଗାୟକ ବିଷୟବସ୍ତୁ ଉପସ୍ଥାପନ କଲାବେଳେ ବହୁ ବାଗ୍ମୀ, ପଣ୍ଡିତ, କବି, ଋଷି ମାନଙ୍କର ଆପ୍ତକାବ୍ୟ, ଆର୍ଷକାବ୍ୟ ଓ ନୀତି ଉପଦେଶକୁ ଉଦାହରଣ ଛଳରେ ବର୍ଣ୍ଣନା କରିବା ସହିତ ଗାଁ ବା ଲୋକ ସାହିତ୍ୟକୁ ଏପରି ତୁଳନାତ୍ମକ ଭାବେ ପରିବେଷଣ କରନ୍ତି, ତାହା ଏକାଧାରାରେ ପଣ୍ଡିତ ଓ ସାଧାରଣ ଲୋକଙ୍କୁ ଆନନ୍ଦ ପ୍ରଦାନ କରିଥାଏ । ପାଲା ହେଉଛି ବିଦଗ୍ଧ ଓ ଲୋକ ସାହିତ୍ୟର ମିଶ୍ରିତ କଳା । ଲୋକ ସାହିତ୍ୟର ସରଳ ହୃଦୟସ୍ପର୍ଶୀ କାହାଣୀ ଗୁଡିକରେ ଗାୟକ ମାନେ ବିଦଗ୍ଧତାର ପ୍ରଲେପ ଦେଇ ଏକ ଅଭିନବ ରୂପରେ ପ୍ରକାଶ କଲାବେଳେ ଉଭୟ ପଣ୍ଡିତ ଓ ଅଶିକ୍ଷିତ ଗୋଷ୍ଠୀ ଭାବ ବିହ୍ୱଳ ହୋଇଥାନ୍ତି । ପାଲା ଏକ ଏକକ ଅଭିନୟଯୁକ୍ତ ଅନୁଷ୍ଠାନ । ପାଲା ସାହିତ୍ୟିକ ଭାବଧାରାରୁ ବିଚ୍ଛିନ୍ନ ନୁହେଁ । ସାହିତ୍ୟ ସହ ଓତପ୍ରୋତ ଭାବେ ପାଲା ଜଡିତ । ଏହା ପରିବେଷଣ ସମୟରେ ପ୍ରସଙ୍ଗକ୍ରମେ ସନ୍ଧ୍ୟା, ପ୍ରଭାତ, ରାତ୍ରୀ, ମଧାହ୍ନ, ନଗର, ପର୍ବତ, ନଦନଦୀ, ଷଡଋତୁ ପ୍ରଭୃତି ପ୍ରକୃତି ରାଣୀର ଅପରୂପ ସୌନ୍ଦର୍ଯ୍ୟ ଓ ନାୟକ ନାୟିକା ମାନଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନା ସାହିତ୍ୟିକ ମାନଙ୍କ ରଚନାରୁ ଉଦ୍ଧାର କରାଯାଇ ଥାଏ ।

ସଙ୍ଗୀତ ବିନା ପାଲା ଗତିଶୀଳ ହୁଏନାହିଁ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗାୟକ, ବାୟକ ଓ ପାଳିଆ ମାନେ ସଙ୍ଗୀତ ଦ୍ୱାରା ଜନସାଧାରଣଙ୍କୁ ବିଷୟବସ୍ତୁ ସହ ବାନ୍ଧି ରଖିଥାନ୍ତି । ସଙ୍ଗୀତ ହେଉଛି ପାଲାର ପ୍ରାଣ । ଜଣେ ଗାୟକ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଇଚ୍ଛା କରୁଥିବା ବ୍ୟକ୍ତି ପ୍ରଥମେ ସ୍ୱର ସାଧାନ କରିବାକୁ ପଡୁଥିଲା । ସଙ୍ଗୀତ ଶାସ୍ତ୍ରରେ ପ୍ରବେଶ ନଥିଲେ ଜଣେ ଗାୟକ ଗୀତ ଗାଇବାର ଭଙ୍ଗୀକୁ ସହଜରେ ଆୟତ୍ତ କରି ପାରିବ ନାହିଁ । ପାଲା ଗାୟକଟିଏ ତାଳ, ଲୟ, ମାନ ଆଦିରେ ନିପୁଣତା ହାସଲ କରିଥିବା ଆବଶ୍ୟକ ।

ଓଡିଆ ସାହିତ୍ୟରେ ପରିଚିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ପ୍ରଭୃତି ଯୋଗଜନ୍ମା କବି ମାନଙ୍କର ବିଭିନ୍ନ ପୁସ୍ତକରୁ ବିଷୟବସ୍ତୁ ପ୍ରସଙ୍ଗ ଆଧାରିତ ସଙ୍ଗୀତମାନ ସଂଗ୍ରହ କରି ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରିଥାନ୍ତି । ପୌରାଣିକ ବିଷୟବସ୍ତୁର ବିଭିନ୍ନ ଚରିତ୍ର ଯଥା-ଦାନବୀର ହରିଶ୍ଚନ୍ଦ୍ର, ସତୀ ସାବିତ୍ରୀ, ସତୀ ଅନୂସୟା, ମେଘନାଦ ବଧ, କୃଷ୍ଣଲୀଳା, ରାମାୟଣ, ମହାଭାରତର ଆଦର୍ଶ ଚରିତ୍ର ମାନଙ୍କର ତ୍ୟାଗପୂତ ଜୀବନକୁ ସୁନ୍ଦର ଭାବେ ପାଲାର ବିଷୟବସ୍ତୁ ଅନ୍ତର୍ଭୁକ୍ତ କରାଯାଇ ଥାଏ ।

ପାଲା ପରିବେଷଣ ସମୟରେ ଶୃଙ୍ଗାର, ବୀର, କରୁଣ, ବିଭତ୍ସ, ଅଦ୍ଭୁତ, ବାତ୍ସଲ୍ୟ ରସର ଅବତାରଣ କରାଯାଇ ଥାଏ । ସମୟେ ସମୟେ ଦର୍ଶକଙ୍କ ମନରେ ସୃଷ୍ଟି ହେଉଥିବା ବିଷୟବସ୍ତୁ ପ୍ରସଙ୍ଗ ଆଧାରିତ କୌଣସି ପ୍ରଶ୍ନର ସମାଧାନ ମଧ ଗାୟକ ମହାଶୟ କରିଥାନ୍ତି । ଏପରି ପ୍ରଶ୍ନ ଉତ୍ତର ପ୍ରଦାନର ଚାତୁରୀ ଗାୟକଙ୍କ ପାଣ୍ଡିତ୍ୟତାର ପରିପ୍ରକାଶ ହୋଇଥାଏ । ହିନ୍ଦୁ ଓ ମୁସଲମାନ ସଂସ୍କୃତିର ସମନ୍ୱୟରେ ସୃଷ୍ଟି ହୋଇଥିବା ଲୋକକଳା ପାଲା ପରେ ହିନ୍ଦୁ ସଂସ୍କୃତିର ବାର୍ତ୍ତାବହ ସାଜିଛି । ପାଲା ସର୍ବଦା ତାର ମୌଳିକତା ଏବଂ ଗ୍ରହଣୀୟତା ବଜାୟ ରଖିଛି । ତାର ମୂଳ ଆଧାତ୍ମିକ ଦିଗରୁ କେବେ ବି ବିଚ୍ୟୁତ ହୋଇ ନାହିଁ । ପ୍ରତ୍ୟେକ ସମୟରେ ସାଧାରଣ ଓ ବୁଦ୍ଧିଜୀବୀ ମହଲରେ ନିଜର ଜୟଯାତ୍ରା ଅବ୍ୟାହତ ରଖିଛି ।

ପାଲା ଉତ୍କଳୀୟ ସଂସ୍କୃତିର ଏକ ବିକଶିତ ରୂପରେଖ । ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହ ଭାବରେ ପାଲା ଅକଳଙ୍କ ଯଶର ଅଧିକାରୀ । ଛାନ୍ଦ, ରସ, ଲୟ, ତାଳ ଓ ଭାବର ମଧୂର ମୂର୍ଚ୍ଛନାରେ ଅନୁରଣିତ ହୋଇ ଓଡିଆ ସାହିତ୍ୟକୁ ସରସ ଓ ଜୀବନ୍ତ କରିପାରିଛି । ଗାୟକର ପାଣ୍ଡିତ୍ୟପୂର୍ଣ୍ଣ ବକ୍ତବ୍ୟ, ବାୟକର ବିଭିନ୍ନ ତାଳର ପଟୁତା ଏବଂ ପାଳିଆ ମାନଙ୍କର ପୁଲକିତ କଣ୍ଠରୁ ଝରି ଆସୁଥିବା ବିଭିନ୍ନ ଚମ୍ପୁ, ଚୌପଦୀ, ଚୌତିଶା, ବୋଲି ମାଧମରେ ପାଲା ଜନତାଙ୍କ ହୃଦୟକୁ ରସାଣିତ ଓ ଆଧାତ୍ମିକ ଦିଗରେ ଟାଣିନେବା ସହ ଏକ ପାରମ୍ପରିକ ସାଂସ୍କୃତିକ ପରମ୍ପରା ସୃଷ୍ଟି କରିଛି । ଓଡିଆ ଭାଷା, ସାହିତ୍ୟ, ପରମ୍ପରା, ଧର୍ମ, ଚେତନା ଓ ସ୍ୱାଭିମାନକୁ ଜାଗରଣ କ୍ଷେତ୍ରରେ ପାଲାର ବିକଳ୍ପ ନାହିଁ । ସରକାର ଓଡିଆ ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ବେଳେ ପାଲା ଆରମ୍ଭରୁ ଶେଷ ଯାଏ ଏହି ଅସ୍ମିତାକୁ ଜାବୋଡି ଧରିଥାଏ । ବିପଥଗାମୀ ବ୍ୟକ୍ତିଚରିତ୍ର ଉଭୟ ସମାଜ ଓ ରାଷ୍ଟ୍ର ପାଇଁ ଚିନ୍ତାଜନକ ହୋଇ ପଡିଛି । ବ୍ୟକ୍ତି ଚରିତ୍ର ଗଠନ ସହ ଭଲ ମଣିଷ ଗଢିବା ପାଲାର ମୁଳ ଲକ୍ଷ୍ୟ । ଭଲ ମଣିଷ ହିଁ ପରିବାର, ସମାଜ ତଥା ରାଷ୍ଟ୍ର ପାଇଁ ମଙ୍ଗଳମୟ ଓ ଅତ୍ୟାବଶ୍ୟକ । କେବଳ ଭଲ ମଣିଷ, ପରିବାର, ସମାଜ ଓ ରାଷ୍ଟ୍ର ଗଠନରେ ପାଲାର ପ୍ରତ୍ୟେକ ମୁହୂର୍ତ୍ତ ସମର୍ପିତ । ଉତ୍କଳୀୟ ସଂସ୍କୃତିର ଏହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ନିହାତି ଆବଶ୍ୟକ । ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତା ବହନ କରୁଥିବା ଏହି ପାଲା ଅଧିକ ଲୋକଭିମୁଖୀ ହେବାପାଇଁ ପ୍ରତ୍ୟେକ ଓଡିଆ ଏବଂ ସରକାର ଯତ୍ନବାନ ହେବା ଆବଶ୍ୟକ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ଭିଜିଲାନ୍ସ ହାତରେ ଧରାପଡ଼ିଲେ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟର ପ୍ରୋଗ୍ରାମ ଆସିଷ୍ଟାଣ୍ଟ

**କଟକ, ନ୍ୟୁଜ୍‌ବ୍ୟୁରୋ**

କୁକୁଡ଼ା ଚାଷ ପାଇଁ ଲାଞ୍ଚ ନେଲା ବେଳେ ଜଣେ ସରକାରୀ ବାବୁ ଫସି ଯାଇଛନ୍ତି। ଯାଜପୁରଜିଲ୍ଲା ବଡ଼ଚଣା ବ୍ଲକ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁଭାଶିଷ ସାମଲ ୩୦,୦୦୦ ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ କୁକୁଡ଼ା ଫାର୍ମ ନିର୍ମାଣର ଦ୍ୱିତୀୟ କିସ୍ତି ସବସିଡି ପାଇଁ ଏହି ଟଙ୍କା ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଜଣେ ହିତାଧିକାରୀ ୨୦୨୪ ଡିସେମ୍ବର ୧୨ ତାରିଖରେ ରାଜ୍ୟ ସରକାରଙ୍କ ଯୋଜନାରେ କୁକୁଡ଼ା ଫାର୍ମ ପାଇଁ ଆବେଦନ କରିଥିଲେ। ଏହି ପ୍ରକଳ୍ପ ପାଇଁ ୭,୨୦,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏଥିରେ ସବସିଡି ମୂଲ୍ୟ ୪,୩୨,୨୦୦ ଟଙ୍କା ଥିଲା, ଯାହା ୬୦ ପ୍ରତିଶତ। ସରକାରଙ୍କ ଯୋଜନା ଅନୁସାରେ ପ୍ରଥମ କିସ୍ତିର ସବସିଡି ଟଙ୍କା ମିଳିଥିଲା। ପ୍ରକଳ୍ପ ଯାଞ୍ଚ ପରେ ଦ୍ୱିତୀୟ କିସ୍ତି ୨,୧୬,୦୦୦ ଟଙ୍କାରେ ଟଙ୍କା ମିଳିବାର ଥିଲା। ତେବେ ଦ୍ୱିତୀୟ କିସ୍ତିର ୨,୧୬,୦୦୦ ଟଙ୍କା ପାଇବା ପାଇଁ ଆବେଦନକାରୀ ଜଣକ ପ୍ରାଣୀଧନ କାର୍ଯ୍ୟାଳୟରେ ଅନୁରୋଧ କରିଥିଲେ ଏବଂ ସେ ଶ୍ରୀ ସାମଲଙ୍କ ସଂସ୍ପର୍ଶରେ ଆସିଥିଲେ। ତେବେ ଦ୍ୱିତୀୟ କିସ୍ତି ଟଙ୍କା ପାଇଁ ଶ୍ରୀ ସାମଲ ୪୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଆବେଦନକାରୀ ୩୦,୦୦୦ ଟଙ୍କା ଦେବା ପାଇଁ ରାଜି ହୋଇଥିଲେ ଏବଂ ପରେ ଘଟଣା ସଂପର୍କରେ ଭିଜିଲାନ୍ସ ବିଭାଗର ଅଧିକାରୀଙ୍କୁ ଅବଗତ କରିଥିଲେ। ଯୋଜନା ଅନୁସାରେ ଶ୍ରୀ ସାମଲ ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ଅତର୍କିତ ଚଢ଼ଉ କରିଥିଲେ। ଯାଜପୁର ଜିଲ୍ଲା ବଡ଼ଚଣା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ନିକଟ କାଞ୍ଜିଆ ଛକରୁ ଭିଜିଲାନ୍ସ ବିଭାଗ ଟଙ୍କା ଜବତ କରିଥିଲେ। ଭିଜିଲାନ୍ସ ବିଭାଗ ଏହି ଘଟଣା ନେଇ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରଖିଛି।

# ହାଇକୋର୍ଟ ଏଏସ୍‌ଓ ପରୀକ୍ଷା କେଲେଙ୍କାରୀ ମାମଲାରେ ୬ ଜଣଙ୍କୁ ଗିରଫ କଲା କଟକ କମିଶନରେଟ୍ ପୋଲିସ୍

**କଟକ, ନ୍ୟୁଜ୍‌ବ୍ୟୁରୋ**

ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପ୍ରଶ୍ନପତ୍ରର ମଡେଲ୍ ଉତ୍ତର ୭୦ ଜଣ ଆଶାୟୀଙ୍କୁ ବିକ୍ରି କରାଯାଇଥିଲା। ଏହି ପରୀକ୍ଷା କେଲେଙ୍କାରୀର ପର୍ଦ୍ଦାଫାସ କରିବା ସହିତ କଟକ କମିଶନରେଟ୍ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଏହି କେଲେଙ୍କାରୀର ମାଷ୍ଟରମାଇଣ୍ଡ ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ଗଞ୍ଜାମ ଜିଲ୍ଲାର ଶଙ୍କର ପ୍ରୁଷ୍ଟି ଓ ଶଙ୍କରର ଖାସ୍ ସହଯୋଗୀ ନୟାଗଡ଼ର ମୁନା ମହାନ୍ତି ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଉଭୟ ଶଙ୍କର ଓ ମୁନାଙ୍କ ସମେତ ୫ ଜଣଙ୍କୁ ପୁଲିସ ରିମାଣ୍ଡରେ ନେବାକୁ ଯାଉଛି। ଶଙ୍କର ଓ ମୁନା ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଏସ୍‌ଆଇ ପରୀକ୍ଷା କେଲେଙ୍କାରୀର ମାଷ୍ଟରମାଇଣ୍ଡ ହୋଇଥିବା ବେଳେ ଓଟିଇଟି କେଲେଙ୍କାରୀରେ ସାମିଲ ରାମଜୀ ପ୍ରସାଦ ଗୁପ୍ତା ବି ଏଥିରେ ସାମିଲ ଅଛି। ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀର ତଦନ୍ତ ଏବେ ସିବିଆଇ କରୁଛି। ସୂଚନା ଅନୁଯାୟୀ, ହାଇକୋର୍ଟର ଏଏସ୍‌ଓ-୨୦୨୪ ମୁଖ୍ୟ ଲିଖିତ ପରୀକ୍ଷା ୨୦୨୫ ଜୁଲାଇରେ ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତି ଦାୟିତ୍ୱ ନେଇଥିଲା ଭୁବନେଶ୍ୱରର ଘରୋଇ ସଂସ୍ଥା ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍। କିନ୍ତୁ ଏହି ପ୍ରଶ୍ନପତ୍ରର ମଡେଲ୍ ଉତ୍ତର ଶଙ୍କର ପ୍ରୁଷ୍ଟି ଗ୍ୟାଙ୍ଗ ହାତରେ ଲାଗିଥିଲା। ମଡେଲ୍ ଉତ୍ତରକୁ ବିକ୍ରି ପାଇଁ ପ୍ରତି ପ୍ରାର୍ଥୀ ପିଛା ୨୦ ଲକ୍ଷ ଟଙ୍କା ହିସାବରେ ପାଖାପାଖି ୧୪ କୋଟି ଟଙ୍କାର ଡିଲ୍ ହୋଇଥିଲା। ବାଦାମବାଡ଼ି ଥାନା ଖାନନଗର ଓ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୋଖରୀପୁଟରେ ଟଙ୍କା ଦେଇଥିବା ପ୍ରାର୍ଥୀଙ୍କୁ ଏକାଠି କରାଯାଇଥିଲା। ୭୦ ଜଣ ପ୍ରାର୍ଥୀଙ୍କୁ ଏହି ଦୁଇଟି ସ୍ଥାନରେ ମଡେଲ୍ ଉତ୍ତର ମାଧ୍ୟମରେ ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିଲା। ଖାତାଦେଖା ସମୟରେ କିଛି ପ୍ରାର୍ଥୀଙ୍କ ଉତ୍ତର ସମାନ ଥିବା ଜଣାପଡ଼ିଥିଲା। ଏହାକୁ ନେଇ ଖୋଳତାଡ଼ ପରେ ଆଉଟସୋର୍ସିଂ ସଂସ୍ଥା ବଡ଼ଧରଣର କେଲେଙ୍କାରୀ କରିଥିବା ଜଣାପଡ଼ିଥିଲା। ଫଳରେ ଏଏସ୍‌ଓ ପରୀକ୍ଷାକୁ ବାତିଲ କରାଯାଇଥିଲା। ଏ ସମ୍ପର୍କରେ ଲାଲବାଗ ଥାନାରେ ନଭେମ୍ବରରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପ୍ରାଥମିକ ଭାବେ ୧୧ ଜଣଙ୍କ ସମ୍ପୃକ୍ତି ସାମନାକୁ ଆସିଥିଲା। ଲାଲବାଗ ଥାନା ପୁଲିସ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଶକ୍ତିବିହାରର ହିମାଂଶୁ ଶେଖର ଦାସ(୨୯), ଇନ୍‌ଫୋସିଟି ଥାନା ନନ୍ଦନ ବିହାରର ଶ୍ରୀଧର ମନ୍ତ୍ରୀ(୩୯), ଖଣ୍ଡଗିରି ଥାନା ଡୁମଡୁମାର ଆଲୋକ ସାହୁ(୩୦), ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ମୋତିଗଞ୍ଜର ନିର୍ମାଲ୍ୟ କୁମାର ଦାସ(୩୧), କଟକ ଜିଲ୍ଲା ବାଙ୍କୀ ଥାନା କଶିପୁରର ଗଙ୍ଗାଧର ଜେନା(୪୦), ଗଞ୍ଜାମ ଜିଲ୍ଲା ହିଞ୍ଜିଳିର ଜ୍ୟୋତିର୍ମୟୀ ସାହୁ(୨୮)ଙ୍କୁ ଗିରଫ କରିଛି। ହିମାଂଶୁ ଓ ଶ୍ରୀଧର ସିଲିକନ୍‌ର କର୍ମଚାରୀ ଥିବା ବେଳେ ଆଲୋକ ଜଣେ ପ୍ରାର୍ଥୀ ଥିଲା। ନିର୍ମାଲ୍ୟ, ଗଙ୍ଗାଧର ଓ ଜ୍ୟୋତିର୍ମୟୀ ଦଲାଲ ଭାବେ କାମ କରୁଥିଲେ। ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ସୁରେଶ ନାୟକ ପୂର୍ବରୁ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଛି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଜେଟ୍‌ରେ ବିକଶିତ ...

ସାହାଯ୍ୟ କରିବ । ଏଥିସହ ପ୍ରତ୍ୟେକ ଜିଲ୍ଲାରେ ଛାତ୍ରୀ ନିବାସ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ। ସେହିପରି କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର ପାଇଁ, ଆରମ୍ଭ ହେବ ଭାରତ ବିସ୍ତାର । ଯାହା ଏକ ବହୁଭାଷୀ ଏଆଇ ଆଧାରିତ ଉପକରଣ। ଏହା ଚାଷୀଙ୍କୁ ଉତ୍ପାଦନ ବୃଦ୍ଧିରେ, ଉପଯୁକ୍ତ ନିଷ୍ପତ୍ତି ନେବାରେ ଓ କଷ୍ଟମାଇଜ୍ଡ ପରାମର୍ଶଦାତା ଭାବେ ସହାୟତା ଯୋଗାଇବ। ସେହିପରି ମତ୍ସ୍ୟପାଳନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ୫ ଶହ ଅମୃତ ସରୋବରର ସମନ୍ୱିତ ବିକାଶ ପ୍ରସ୍ତାବ ରହିଛି । ଗ୍ରାମାଞ୍ଚଳରେ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାର ପଶୁ ପାଳନ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏଥିସହ ନଡ଼ିଆ ଓ କାଜୁ ଚାଷକୁ ପ୍ରୋତ୍ସାହିତ କରିବାକୁ ବଜେଟରେ ସ୍ୱତନ୍ତ୍ର ବ୍ୟୟବରାଦ କରିଛନ୍ତି । ବୁଣାକାରଙ୍କ ପାଇଁ ଆରମ୍ଭ ହେବ ମହାତ୍ମା ଗାନ୍ଧୀ ସ୍ୱରାଜ ଯୋଜନା । ଏହି ଯୋଜନାରେ ହେବ ଟେକ୍ସଟାଇଲ୍ ପାର୍କ। ଖଦି ଓ ହ୍ୟାଣ୍ଡଲୁମକୁ ଅଧିକ ସଶକ୍ତ କରାଯିବ ।

କର୍ତ୍ତବ୍ୟ ଭବନରେ ପ୍ରସ୍ତୁତ ପ୍ରଥମ ବଜେଟ୍ ୩ଟି କର୍ତ୍ତବ୍ୟ ଦ୍ୱାରା ଅନୁପ୍ରାଣିତ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ପ୍ରଥମ କର୍ତ୍ତବ୍ୟ ହେଉଛି ଉତ୍ପାଦକତା ଏବଂ ପ୍ରତିଯୋଗିତାକୁ ବୃଦ୍ଧି କରିବା ଏବଂ ଅସ୍ଥିର ବିଶ୍ୱ ପରିବେଶ ପ୍ରତି ସ୍ଥିରତା ସୃଷ୍ଟି କରି ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ ଏବଂ ଦୀର୍ଘସ୍ଥାୟୀ କରିବା। ଦ୍ୱିତୀୟ କର୍ତ୍ତବ୍ୟ ହେଉଛି ଲୋକଙ୍କ ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କର କ୍ଷମତା ନିର୍ମାଣ କରିବା, ସେମାନଙ୍କୁ ଭାରତର ସମୃଦ୍ଧି ପଥରେ ଦୃଢ଼ ଅଂଶୀଦାର କରିବା। ତୃତୀୟ କର୍ତ୍ତବ୍ୟ, ସବକା ସାଥ, ସବକା ବିକାଶର ଦୃଷ୍ଟିକୋଣ ସହିତ ସଂଯୁକ୍ତ, ପ୍ରତ୍ୟେକ ପରିବାର, ସମ୍ପ୍ରଦାୟ, ଅଞ୍ଚଳ ଏବଂ କ୍ଷେତ୍ରକୁ ଅର୍ଥପୂର୍ଣ୍ଣ ଅଂଶଗ୍ରହଣ ପାଇଁ ସମ୍ବଳ, ସୁବିଧା ଏବଂ ସୁଯୋଗ ଉପଲବ୍ଧ ନିଶ୍ଚିତ କରିବା।

ବଜେଟ୍‌ରେ ଭିତ୍ତିଭୂମିକୁ ଏକ ଶକ୍ତିଶାଳୀ ପ୍ରୋତ୍ସାହନ ପ୍ରଦାନ କରାଯାଇଛି । ଆର୍ଥିକ ବର୍ଷ ୨୦୨୬-୨୭ ରେ ସାଧାରଣ ପୁଞ୍ଜି ବ୍ୟୟ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯିବ।

ଭିତ୍ତିଭୂମି ବିକାଶ ଏବଂ ନିର୍ମାଣ ପର୍ଯ୍ୟାୟ ସମୟରେ ଘରୋଇ ବିକାଶକାରୀଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ସରକାର ଏକ ଭିତ୍ତିଭୂମି ଗ୍ୟାରେଣ୍ଟି ପାଣ୍ଠି ସ୍ଥାନ କରିବେ।

ସମର୍ପିତ ଆରଇଆଇଟି ସ୍ଥାପନ ମାଧ୍ୟମରେ ସିପିଏସଇ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅଚଳ ସମ୍ପତ୍ତିର ପୁନଃଚକ୍ରଣକୁ ସରକାର ତ୍ୱରାନ୍ୱିତ କରିବେ।

ସୂକ୍ଷ୍ମ ଉଦ୍ୟୋଗଗୁଡ଼ିକୁ ସମର୍ଥନ ଦେବା ପାଇଁ ବଜେଟ୍‌ରେ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ଭବିଷ୍ୟତର ଚାମ୍ପିଅନ୍ ସୃଷ୍ଟି କରିବା ପାଇଁ ଏକ ସମର୍ପିତ ୧୦,୦୦୦ କୋଟି ଟଙ୍କାର ଏସଏମଇ ଅଭିବୃଦ୍ଧି ପାଣ୍ଠି ପ୍ରଚଳନ କରାଯିବ, ଯାହା ଚୟନିତ ମାନଦଣ୍ଡ ଉପରେ ଆଧାରିତ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବ।

ସ୍ୱାବଲମ୍ବୀ ଭାରତ ପାଣ୍ଠିକୁ ଅତିରିକ୍ତ ୨,୦୦୦ କୋଟି ଟଙ୍କା ସହିତ ଆବଣ୍ଟିତ କରାଯିବ, ଯାହା ଦ୍ୱାରା ସୂକ୍ଷ୍ମ ଉଦ୍ୟୋଗଗୁଡ଼ିକୁ ସମର୍ଥନ ଜାରି ରହିବ ଏବଂ ପୁଞ୍ଜିରେ ସେମାନଙ୍କର ପ୍ରବେଶ ବଜାୟ ରହିବ।

ସରକାର ଆଇସିଏଆଇ, ଆଇସିଏସଆଇ, ଆଇସିଏମଏଆଇ ଭଳି ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକୁ ବିଶେଷକରି ଟାୟାର-୨ ଏବଂ ଟାୟାର-୩ ସହରଗୁଡ଼ିକରେ 'କର୍ପୋରେଟ୍ ମିତ୍ର'ଙ୍କ ଏକ କ୍ୟାଡର ବିକାଶ କରିବା ପାଇଁ ସ୍ୱଳ୍ପକାଳୀନ, ମଡ୍ୟୁଲାର୍ ପାଠ୍ୟକ୍ରମ ଏବଂ ବ୍ୟବହାରିକ ଉପକରଣ ଡିଜାଇନ୍ କରିବାକୁ ସୁବିଧା ପ୍ରଦାନ କରିବେ, ।

ମେଡିକାଲ୍ ଟ୍ୟୁରିଜିମ୍ ପ୍ରୋତ୍ସାହନ ପାଇଁ ପ୍ରତିଷ୍ଠା ହେବ ୫ ଆଞ୍ଚଳିକ ମେଡିକାଲ୍ ହବ୍ । ନ୍ୟାସନାଲ କାଉନସିଲ୍ ଫର୍ ହୋଟେଲ ମ୍ୟାନେଜମେଣ୍ଟର ଉନ୍ନତିକରଣ, 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି' ସ୍ଥାପନ ପ୍ରସ୍ତାବ ରଖାଯାଇଛି। ୧୦,୦୦୦ ପର୍ଯ୍ୟଟନ ଗାଇଡଙ୍କ ଦକ୍ଷତା ବୃଦ୍ଧି ପାଇଁ ୧୨-ସପ୍ତାହର ମାନକ ତାଲିମ ସହ ପାଇଲଟ୍ ଯୋଜନା ପ୍ରସ୍ତାବ ରହିଛି। ୧୫ ପ୍ରନ୍ତତାତ୍ତ୍ୱିକ ସ୍ଥଳୀର ବିକାଶ ପ୍ରସ୍ତାବ ଥିବା ବେଳେ ଏଥିରେ କ୍ୟୁରେଟେଡ୍ ୱାକୱେ ଜରିଆରେ ଜନସାଧାରଣ ପାଇଁ ଖୋଲାଯିବ

ଅରୁଣାଚଳ ପ୍ରଦେଶ, ସିକିମ, ଆସାମ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ବୌଦ୍ଧ ସର୍କିଟ୍ ବିକାଶ ପାଇଁ ବଜେଟ୍‌ରେ ଯୋଜନାର ପ୍ରସ୍ତାବ ରଖାଯାଇଛି।

## କେନ୍ଦ୍ର ବଜେଟରେ...

ମାଧ୍ୟମରେ କଇଁଛଙ୍କ ଅଣ୍ଡାଦାନ ଏବଂ ଛୁଆ ଫୁଟାଇବା ପ୍ରକ୍ରିୟା ନିମନ୍ତେ ସୁରକ୍ଷିତ ଆବାସସ୍ଥଳୀ ଯୋଗାଇ ଦିଆଯାଇପାରିବ। ଦେଶରେ ୧୫ଟି ପ୍ରନ୍ତତାତ୍ତ୍ୱିକ କ୍ଷେତ୍ର ବିକଶିତ କରାଯିବ। ବିକାଶ ଏବଂ ନିଯୁକ୍ତି ସୁଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ବୋଦୟ ରାଜ୍ୟ ଏବଂ ଉତ୍ତର-ପୂର୍ବ କ୍ଷେତ୍ର ଉପରେ ଧ୍ୟାନ ଦିଆଯିବ। ଦୁର୍ଗାପୁରରେ ଏକ ସୁସଂଯୁକ୍ତ ନୋଡ୍ ସହିତ ସମନ୍ୱିତ ପୂର୍ବତଟ ଶିଳ୍ପ କରିଡର, ୫ ପୂର୍ବୋଦୟ ରାଜ୍ୟରେ ୫ ଟି ପର୍ଯ୍ୟଟନ ସ୍ଥଳୀ ସୃଷ୍ଟି ଏବଂ ୪,୦୦୦ ଇ-ବସ୍ ବ୍ୟବସ୍ଥା କରାଯିବାକୁ ବଜେଟ୍‌ରେ ଘୋଷଣା କରାଯାଇଛି । ଅଧିକ ନଡ଼ିଆ ଉତ୍ପାଦିତ ରାଜ୍ୟରେ ନଡ଼ିଆ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯିବ । ଏହାବ୍ୟତୀତ ଉପକୂଳବର୍ତ୍ତୀ ରାଜ୍ୟରେ ନଡ଼ିଆ, ଚନ୍ଦନ, କୋକୋଆ ଏବଂ କାଜୁ ଭଳି ଚାଷକୁ ପ୍ରୋତ୍ସାହନ ମିଳିବ । ସରକାର ଷୋଡ଼ଶ ଅର୍ଥ ଆୟୋଗ ଅନୁଦାନ ଆକାରରେ ରାଜ୍ୟମାନଙ୍କୁ ୧.୪ ଲକ୍ଷ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବେ । ଏଥିରେ ଗ୍ରାମୀଣ ଓ ସହରାଞ୍ଚଳ ପ୍ରଶାସନ ଲାଗି ଅନୁଦାନ ଏବଂ ବିପର୍ଯ୍ୟୟ ପରିଚାଳନା ଅନୁଦାନ ସାମିଲ ରହିଛି ।

ସାରା ଦେଶରେ ସାତଟି ହାଇସ୍ପିଡ୍ ରେଳ କରିଡର ପ୍ରତିଷ୍ଠା କରାଯିବ । ଘରୋଇ କ୍ଷେତ୍ରରେ ଭାଗିଦାରୀରେ ପାଞ୍ଚଟି ଆଞ୍ଚଳିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନାରେ ରାଜ୍ୟଗୁଡ଼ିକୁ ସହାୟତା ଯୋଗାଇ ଦିଆଯିବ। ଦେଶରେ ତିନୋଟି ନୂଆ ସର୍ବଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ପ୍ରତିଷ୍ଠା ନିମନ୍ତେ ବଜେଟରେ ଘୋଷଣା କରାଯାଇଛି । ପୂର୍ବ ଭାରତରେ ଡିଜାଇନ୍ ଶିକ୍ଷା ଓ ବିକାଶକୁ ପ୍ରୋତ୍ସାହନ ଲାଗି ନୂଆ ଜାତୀୟ ଡିଜାଇନ ଅନୁଷ୍ଠାନ ପ୍ରତିଷ୍ଠା କରାଯିବ। ସେହିପରି ଦେଶର ୧୫ ହଜାର ସ୍କୁଲ୍ ଏବଂ ୫୦୦ କଲେଜରେ ଏଭିଜିସି କଣ୍ଟେଣ୍ଟ କ୍ରିଏଟର ପ୍ରୟୋଗଶାଳା ପ୍ରତିଷ୍ଠା ଲାଗି ମୁମ୍ବାଇର ଆଇଆଇସିଟିକୁ ସହାୟତା ଯୋଗାଇ ଦିଆଯିବ। ପ୍ରମୁଖ ଶିଳ୍ପ ଏବଂ ଲଜିଷ୍ଟିକ୍ କରିଡର ପାଖରେ ପାଞ୍ଚଟି ବିଶ୍ୱବିଦ୍ୟାଳୟ ସହର ବିକଶିତ କରାଯିବ।

## କେନ୍ଦ୍ର ବଜେଟ୍‌ରେ...

ଯୁବ ସମାଜ ଆତ୍ମ ବିଶ୍ୱାସୀ ହେବା ସହିତ, ଦେଶର ବିକାଶ ପ୍ରତି ନିଜର ଅବଦାନ ରଖିପାରିବ। ଏହା ବାସ୍ତବରେ ଏକ ଯୁବଶକ୍ତି ବଜେଟ୍।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶର ଆର୍ଥିକ ଅଭିବୃଦ୍ଧିକୁ ଜାରି ରଖିବା ପାଇଁ ମୋଦୀ ସରକାର ତାଙ୍କ ଶାସନ କାଳ ସମୟରେ ବର୍ତ୍ତମାନ ସୁଦ୍ଧା ୩୫୦ଟି ଢାଞ୍ଚାଗତ ସଂସ୍କାର ଆଣିଛନ୍ତି, ଯାହାକି ସ୍ୱାଧୀନ ଭାରତର ଅର୍ଥନୈତିକ ଇତିହାସରେ ଏକ ବିରଳ ଅଧ୍ୟାୟ। ଏହାଦ୍ୱାରା ଆତ୍ମ ନିର୍ଭର ଭାରତ, ବିକଶିତ ଭାରତ ଗଠନ ଦିଗରେ ଆମର ଯେଉଁ ଲକ୍ଷ୍ୟ ରହିଛି, ତାହା ତ୍ୱରାନ୍ୱିତ ହୋଇଛି।

୨୦୨୬-୨୭ କେନ୍ଦ୍ର ବଜେଟରେ ସାର୍ବଜନୀନ ପୁଞ୍ଜି ବ୍ୟୟ ପାଇଁ ୧୨.୨ ଲକ୍ଷ କୋଟି ଟଙ୍କା ସହିତ ଭିତ୍ତିଭୂମି ବିକାଶ ପାଇଁ ଅଧିକ ଆବଂଟନ କରାଯାଇଛି ।

ଏହି କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଥିବାରୁ ଆମେ ଭାରତ ସରକାରଙ୍କ ନିକଟରେ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସଂକ୍ଷେପରେ...

- **ସହରାଞ୍ଚଳ ବିକାଶ ୮୫ ହଜାର ୫୨୨ କୋଟି**
- **ଆୟକର ସ୍ଲାବରେ ପରିବର୍ତ୍ତନ ନାହିଁ**
- **ସାମାଜିକ ବିକାଶ ପାଇଁ ୬୨ ହଜାର ୩୬୨ କୋଟି**
- **ବୈଦେଶିକ ବ୍ୟାପାର ପାଇଁ ୨୨ ହଜାର ୧୧୯ କୋଟି**
- **ବାଣିଜ୍ୟ ଓ ଶିଳ୍ପ ପାଇଁ ୭୦ ହଜାର ୧୯୭ କୋଟି**
- **ବୈଜ୍ଞାନିକ କ୍ଷେତ୍ର ପାଇଁ ୫୫ ହଜାର ୭୫୦ କୋଟି**
- **ଆଟି ପାଇଁ ୭୪ ହଜାର ୫୬୦ କୋଟି**
- **ପ୍ରଥମ ଥର ପାଇଁ କର୍ତ୍ତବ୍ୟ ଭବନରୁ ବଜେଟ ଅଭିଭାଷଣ**
- **ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବା ସହିତ ଦ୍ୱରିତ ଅଭିବୃଦ୍ଧି ଲକ୍ଷ୍ୟ**
- **ଭାରତ ହେବ ବାୟୋଫାର୍ମା ହବ୍, ୧୦ ହଜାର କୋଟିର 'ବାୟୋଫାର୍ମା ଶକ୍ତି' ଯୋଜନା**
- **ଓଡ଼ିଶା ଭଳି ଖଣିଜ ସଂପଦ ସଂପନ୍ନ ରାଜ୍ୟଗୁଡ଼ିକର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବୟବରାଦ**
- **'ଆତ୍ମନିର୍ଭର ଭାରତ' ଉପରେ ଗୁରୁତ୍ୱ**
- **ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକର ବିକାଶ ପାଇଁ ନକ୍ସା**
- **ଦେଶରେ ପ୍ରମୁଖ ସହରଗୁଡ଼ିକୁ ଯୋଡ଼ିବ ୭ଟି 'ହାଇସ୍ପିଡ୍ ରେଳ କରିଡର'**
- **ହସ୍ତତନ୍ତର ବିକାଶ ପାଇଁ ଆସିବ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ' ଯୋଜନା**
- **୪୦,୦୦୦ କୋଟି ବ୍ୟୟବରାଦରେ 'ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ୍'**
- **ଗରିବ ଓ ଅନୁନ୍ନତ ଶ୍ରେଣୀ ପାଇଁ ୩ କର୍ତ୍ତବ୍ୟ**
- **ଶସ୍ତା ହେବ ମଧୁମେହ ଏବଂ କର୍କଟ ଔଷଧ**
- **ବଡ଼ ବୟନଶିଳ୍ପ ପାର୍କ ନିର୍ମାଣ କରାଯିବ**
- **ସହରାଞ୍ଚଳ ଅର୍ଥନୈତିକ କ୍ଷେତ୍ର ପାଇଁ ବାର୍ଷିକ ୫,୦୦୦ କୋଟି ଟଙ୍କା ଖର୍ଚ୍ଚ**
- **୨୦ ନୂତନ ଜଳମାର୍ଗ ପ୍ରସ୍ତୁତ କରାଯାଉଛି**
- **ଓଡ଼ିଶା ସମେତ ଚାରୋଟି ରାଜ୍ୟରେ ଖଣିଜ କରିଡର**
- **୩ଟି ରାସାୟନିକ ପାର୍କ ନିର୍ମାଣ**
- **କ୍ଷୁଦ୍ର ଓ କ୍ଷୁଦ୍ର ଶିଳ୍ପ ପାଇଁ ୧୦,୦୦୦ କୋଟି ବିନିଯୋଗ**
- **ମହାତ୍ମା ଗାନ୍ଧୀ ଆତ୍ମନିଯୁକ୍ତି ଯୋଜନା ଘୋଷଣା**
- **କେନ୍ଦ୍ରୀୟ ବଜେଟରେ ୧୦ହଜାର କୋଟି ଟଙ୍କାର ଏମଏସଏମଇ ଗ୍ରୋଥ ଫଣ୍ଡ ଗଠନ କରିବାକୁ ପ୍ରସ୍ତାବ**

## ରେଳ ବିଭାଗ...

ଚେନ୍ନାଇ-ବେଙ୍ଗାଲୁରୁ ଯାତ୍ରା ସମୟ କେବଳ ୧ ଘଣ୍ଟା ୧୩ ମିନିଟକୁ ଖସି ଆସିବ। ବେଙ୍ଗାଲୁରୁରୁ ହାଇଦ୍ରାବାଦର ଯାତ୍ରା ସମୟ ୨ ଘଣ୍ଟା ଓ ଚେନ୍ନାଇ-ହାଇଦ୍ରାବାଦ ମଧ୍ୟରେ ଯିବା ଆସିବା କରିବାକୁ ୨ ଘଣ୍ଟା ୫୫ ମିନିଟ ସମୟ ଲାଗିବ।

ଚେନ୍ନାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ହେଉଛନ୍ତି ପ୍ରମୁଖ ଅର୍ଥନୀତିକ କେନ୍ଦ୍ର। ଏଗୁଡ଼ିକ ବଡ଼ ସହର ଓ ଆଇଟି ଟେକ୍ନୋଲୋଜିର ହବ। ହାଇସ୍ପିଡ ଡାଇମଣ୍ଡ ଦ୍ୱାରା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଅଭିବୃଦ୍ଧି ହେବ। ଏହା ଦେଶ ତଥା ସେଠାରେ ରହୁଥିବା ଲୋକଙ୍କୁ ଫାଇଦା ଦେବ।"

ଶ୍ରୀ ବୈଷ୍ଣବଙ୍କ କହିବା ଅନୁସାରେ ମୋଟ ବଜେଟରୁ ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ରେଳବାଇ ସୁରକ୍ଷାକୁ ନିଶ୍ଚିତ କରିବାକୁ ଖର୍ଚ୍ଚ ହେବ। ସେ କହିଛନ୍ତି, "ଦୁର୍ଘଟଣା ସଂଖ୍ୟା ୯୫% ହ୍ରାସ ପାଇଛି। ଏବେ ରକ୍ଷଣାବେକ୍ଷଣ ଉପରେ ଅଧିକ ଫୋକସ କରାଯାଉଛି। ଟ୍ରାକର ରକ୍ଷଣାବେକ୍ଷଣ, ଲୋକ ମେଣ୍ଟେନାନ୍ସ, ୱାଗନ, କୋଚ ମେଣ୍ଟେନାନ୍ସ, କବଚ କାମକୁ ତ୍ୱରାନ୍ୱିତ କରିବା, ସିସିଟିଭି ଲଗାଇବା, ଓଭରହେଡ ଇଲେକ୍ଟ୍ରିକାଲ ବ୍ୟବସ୍ଥାକୁ ଅପଗ୍ରେଡ କରିବା ଓ ନୂଆ ଷ୍ଟେସନ ପାଇଁ ବଜେଟ ଖର୍ଚ୍ଚ କରାଯିବ।"

କେନ୍ଦ୍ର ସରକାର ୭ଟି ହାଇସ୍ପିଡ ରେଳ କରିଡର ତିଆରି କରିବେ। ମୁମ୍ବାଇ-ପୁଣେ, ପୁଣେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ-ଚେନ୍ନାଇ, ଚେନ୍ନାଇ-ବେଙ୍ଗାଲୁରୁ, ଦିଲ୍ଲୀ-ବାରାଣସୀ ଓ ବାରାଣସି-ସିଲିଗୁଡ଼ି ଭଳି ୭ଟି ହାଇସ୍ପିଡ ରେଳ କରିଡର ତିଆରି କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଏଥିପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇଛି।

## ବଜେଟ୍‌କୁ ଐତିହାସିକ...

ପାଆନ୍ତି ତାହା ନିଶ୍ଚିତ କରିବା ପାଇଁ ବଜେଟ୍ ପ୍ରମୁଖ ପଦକ୍ଷେପ ଗ୍ରହଣ କରେ। ଏହି ବଜେଟ୍ ନୂତନ ଗତି ପାଇଁ ଏକ ମହତ୍ୱାକାଂକ୍ଷୀ ରୋଡମ୍ୟାପ୍ ରୂପରେଖା ପ୍ରଦାନ କରେ।

ସୂର୍ଯ୍ୟୋଦୟ କ୍ଷେତ୍ର ଉପରେ ଗୁରୁତ୍ୱ ଦେବା ଗୁରୁତ୍ୱପୂର୍ଣ୍ଣ। ବିରଳ ପୃଥିବୀ କରିଡର, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ବୟନଶିଳ୍ପ ଏବଂ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଉପକରଣ ନିର୍ମାଣ ଉପରେ ଗୁରୁତ୍ୱ ବର୍ତ୍ତମାନ ଏବଂ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରେ।

ବଜେଟରେ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅନେକ ପ୍ରମୁଖ ପଦକ୍ଷେପ ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ, ୧୨:ନ୍ୟୁଜ୍‌ବ୍ୟୁରୋ**



ମାଘ ପୂର୍ଣ୍ଣିମାରେ ରବିବାର ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଦ୍ୱିପ୍ରହର ଧୂପ ପରେ ତିନି ବାଡ଼ରେ ଗଜ ଉଦ୍ଧାରଣ ବେଶ କରାଯାଇଥିଲା। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କ ବେଶ କରାଇଥିଲେ। ଏହି ବେଶରେ ଶ୍ରୀବିଗ୍ରହଙ୍କ ପାଖରେ ଖିରି, ଅମାଲୁ ଭୋଗ କରାଯାଇଥିଲା। ଗଜ ଉଦ୍ଧାରଣ ବେଶରେ ଶ୍ରୀଜଗନ୍ନାଥ ବିଷ୍ଣୁ ରୂପରେ ଚାରି ଭୁଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଗରୁଡ଼ ପୃଷ୍ଠରେ ପଦ୍ମାସନ ଭଙ୍ଗୀରେ ବସି ଦର୍ଶନ ଦେଉଥିଲେ। କୋଳରେ ମା' ଲକ୍ଷ୍ମୀ ତଥା ଶ୍ରୀଦେବୀ ଉପବେଶନ କରିଥିଲେ। ଶ୍ରୀବଳଭଦ୍ର ବାସୁଦେବ ରୂପରେ ଚତୁର୍ଭୁଜ ହସ୍ତପଦ ବିଶିଷ୍ଟ ପଦ୍ମାସନରେ ବସିଥିଲେ। ଚାରିଭୁଜରେ ଶଙ୍ଖ, ଚକ୍ର, ହଳ ଓ ମୂଷଳ ଥିଲା। ଦେବୀ ସୁଭଦ୍ରା ଦୁଇହସ୍ତ ଓ ଦୁଇପାଦ ବିଶିଷ୍ଟ କୃଷ୍ଣଙ୍କ ପରି ଛନ୍ଦାୟିତ ପଦରେ ଏକ ପଦ୍ମ କଳିକା ଧରି ଦଣ୍ଡାୟମାନ ଅବସ୍ଥାରେ ରହିଥିଲେ। ଠାକୁରମାନେ ଏହି ବେଶରେ ଚୂଳ, କିରୀଟ, କର୍ଣ୍ଣ କୁଣ୍ଡଳ, ଅଳକା, ତିଳକ, ସୂର୍ଯ୍ୟଚନ୍ଦ୍ର, ଅଷ୍ଟାପଟି, ନାକଚଣା, ପାହୁଡ଼, ବାଙ୍କି, ଗୋଡ଼ ଖଡ଼ୁ, ନାକରେ ଫାସିଆ, ଶ୍ରୀହସ୍ତରେ ଖଡ଼ୁବଳା, ବାହୁରେ ବାଜୁବନ୍ଧ ଓ ବେକରେ ପଦ୍ମମାଳି ପିନ୍ଧିଥିଲେ। ତିନିଠାକୁର ଯେଉଁ ଅଳଙ୍କାର ଧାରଣ କରିଥିଲେ ତାହା ଶୋଲ, ଜରି, କଇଁଥ ଅଠା ପ୍ରଭୃତିରେ ପ୍ରସ୍ତୁତ କରାଯାଇଥିଲା। ଏଥିସହ ଦୁଇ ବିଗ୍ରହଙ୍କ ସମ୍ମୁଖରେ ଦୁଇଟି ହାତୀ ଶୁଣ୍ଢରେ ପଦ୍ମ କଳିକା ଧରି ଦଣ୍ଡାୟମାନ ହୋଇଥିଲେ। ଗୋଟିଏ ବଡ଼ ହାତୀ ଏବଂ ଅନ୍ୟଟି ଛୋଟ ହାତୀ। ବଡ଼ ହାତୀକୁ ଏକ କୁମ୍ଭୀର ଆକ୍ରମଣ ମୁଦ୍ରାରେ ରହିଥିଲା। ସିଂହାସନ ନିମ୍ନରେ ସମୁଦ୍ର ସଦୃଶ ସଜାଯାଇଥିଲା।

# ସନ୍ଥ କବିଙ୍କ ସମାଧି ପୀଠରେ ମୁଖ୍ୟମନ୍ତ୍ରୀଙ୍କ ପୂଜାର୍ଚ୍ଚନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଖଲିଆପାଲି ସ୍ଥିତ ସନ୍ଥ କବି ଭୀମ ଭୋଇଙ୍କ ପବିତ୍ର ସମାଧି ପୀଠରେ ପୂଜାର୍ଚ୍ଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ପବିତ୍ର ଅବସରରେ ପୀଠ ପରିସରରେ ଏକ ଘଣ୍ଟି ସ୍ଥାପନ କରିବା ସହ ସନ୍ଥ କବିଙ୍କ ମହାନ ଆଦର୍ଶର ସ୍ମୃତି ଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସନ୍ଥ କବିଙ୍କ କାଳଜୟୀ ବାଣୀ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ...' ଆମ ସରକାରଙ୍କ ଜନସେବା ଅଭିଯାନ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ। ପୀଠର ଗାରିମା ଏବଂ ଶ୍ରଦ୍ଧାଳୁଙ୍କ ସୁବିଧାକୁ ପ୍ରାଥମିକତା ଦେଇ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ।

# କେନ୍ଦ୍ରୀୟ ବଜେଟ ସମ୍ପୂର୍ଣ୍ଣ ଶ୍ରମିକ କର୍ମଚାରୀ ବିରୋଧୀ : ଏଆଇଟିୟୁସି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ୨୦୨୬ -୨୭ ଆର୍ଥିକ ବର୍ଷର ବଜେଟ୍ କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ଉପସ୍ଥାପିତ କରିଛନ୍ତି ଯାହା ସମ୍ପୂର୍ଣ୍ଣ ଭାବରେ ଭାରତବର୍ଷର ସଂଖ୍ୟାଧିକ ଜନଗଣ ଗରିବ ଚାଷୀ, ମୂଲିଆ ବିଶେଷକରି ଶ୍ରମିକ ଓ ସ୍କିମ୍ ୱାରକରମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଅବହେଳା କରାଯାଇଛି। ସାଧାରଣ ଜନମାନସକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରାଯାଇଛି। ଦେଶରେ ଗରିବଙ୍କ ସଂଖ୍ୟା ହ୍ରାସ ପାଉଛି ବୋଲି ଯାହା ଦର୍ଶାଇଛନ୍ତି ତାହା ସମ୍ପୂର୍ଣ୍ଣ ଭାବରେ ଭୁଲ୍ ଓ ବିଭ୍ରାନ୍ତି ମୂଳକ, ଯାହା ପୂର୍ବରୁ ସରକାରଙ୍କ ପ୍ରଦତ୍ତ ରିପୋର୍ଟର ବିରୁଦ୍ଧାଚରଣ କରୁଛି। ଅପରପକ୍ଷରେ ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାରେ ମହାତ୍ମାଗାନ୍ଧୀ ନାମକୁ ହଟାଇ ଦେଇଥିବାବେଳେ ବର୍ତ୍ତମାନ ମହାତ୍ମା ଗାନ୍ଧୀ ଗ୍ରାମ୍ୟ ସ୍ୱରାଜ୍ୟ ନାମରେ ନୂତନ ଯୋଜନା କରି ଦେଶବାସୀଙ୍କ ମନରେ ବିଭ୍ରାନ୍ତି ସୃଷ୍ଟି କରିଛନ୍ତି। ଦେଶରେ ମହିଳାମାନଙ୍କୁ ସଶକ୍ତିକରଣ ନାମରେ ଗ୍ରାମାଞ୍ଚଳରେ ଲକ୍ଷପତି, କୋଟପତି ଦିଦି ସୃଷ୍ଟି କରିବାର ସୂଚନା ଦେବାବେଳେ ଦେଶରେ ବିଭିନ୍ନ ସ୍କିମ୍‌ରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶା କର୍ମୀ, ଓ ମଧ୍ୟାହ୍ନଭୋଜନ ପାଚିକା ସହାୟିକାଙ୍କ ଭତ୍ତା ବୃଦ୍ଧି ଓ ୱାର୍କର ଷ୍ଟାଟସ୍ ଓ ପେନ୍‌ସନ୍ ସମ୍ପର୍କରେ ବଜେଟ୍‌ରେ କୌଣସି ପ୍ରସ୍ତାବ ନାହିଁ। ଅନ୍ୟପକ୍ଷରେ ଦାଦନ ଶ୍ରମିକ ଚୁକ୍ତି ଭିତ୍ତିକ କର୍ମଚାରୀ ଓ ବେକାରିମାନଙ୍କୁ ନିଯୁକ୍ତି ଏବଂ ଅସଂଗଠିତ ଶ୍ରମିକଙ୍କ ପାଣ୍ଠି ସମ୍ପର୍କରେ କୌଣସି ହେଲେ ପଦୁଟିଏ କହିନାହାନ୍ତି। ଦରଦାମ୍ ହୁହୁ ହୋଇ ବଢୁଥିବାବେଳେ ଏହାକୁ ନିୟନ୍ତ୍ରଣ ଓ ଟିକସ ହ୍ରାସ କରିବା ସମ୍ପର୍କରେ କୌଣସି ଆନ୍ତରକତା ନଥିବାବେଳେ କେନ୍ଦ୍ରୀୟ ବଜେଟ୍‌ରେ ଜଣାପଡୁଛି। ସାମଗ୍ରୀକ ଭାବେ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଚଳିତ ବଜେଟ୍ ସମ୍ପୂର୍ଣ୍ଣଭାବେ କର୍ପୋରେଟ୍ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି ଏଆଇଟିୟୁସିର ସାଧାରଣ ସମ୍ପାଦକ ବିଜୟ ଜେନା ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ମଡେଲ ଷ୍ଟେସନ ହେବ ଚନ୍ଦ୍ରଶେଖରପୁର ଫାୟାର ଷ୍ଟେସନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଅଗ୍ନିଶମ ବିଭାଗ ଚନ୍ଦ୍ରଶେଖରପୁର ଫାୟାର ଷ୍ଟେସନକୁ ଏକ ଉନ୍ନତ ମଡେଲ ଷ୍ଟେସନ ଭାବରେ ତିଆରି କରୁଛି। ଜରୁରୀକାଳୀନ ପରିସ୍ଥିତିରେ ଲୋକଙ୍କୁ ଶୀଘ୍ର ସାହାଯ୍ୟ କରିବା ପାଇଁ ଏହା ଏକ ବଡ଼ ପଦକ୍ଷେପ। ଏହି ଷ୍ଟେସନ ପାଖରେ ବଡ଼ ବଡ଼ ସ୍କୁଲ, ହସ୍ପିଟାଲ୍ ଏବଂ ବ୍ୟବସାୟ କେନ୍ଦ୍ର ରହିଛି। ସେଥିପାଇଁ ଏଠାକୁ ଅନେକ ଅଗ୍ନିଶମ କଲ୍ ଓ ଅନ୍ୟାନ୍ୟ ଜରୁରୀକାଳୀନ ସେବା ପାଇଁ ଫୋନ୍ ଆସିଥାଏ। ଏହାର ଗୁରୁତ୍ୱପୂର୍ଣ୍ଣ କାମକୁ ଦେଖି, ଏହାକୁ ଏକ ମଡେଲ ଷ୍ଟେସନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଉନ୍ନତି ଦ୍ୱାରା କର୍ମଚାରୀମାନଙ୍କର କାମ କରିବା ଦକ୍ଷତା ବଢ଼ିବ ଏବଂ ସେମାନେ ଆହୁରି ଶୀଘ୍ର ପରିସ୍ଥିତିକୁ ସମ୍ଭାଳି ପାରିବେ।

ଏହି ପଦକ୍ଷେପ ସହ ଏହି ଷ୍ଟେସନରେ ଆଧୁନିକ ଅଗ୍ନି ଓ ଉଦ୍ଧାର ଉପକରଣ ଏବଂ ଜରୁରୀକାଳୀନ ସମୟରେ ଶୀଘ୍ର କାମ କରିବା ପାଇଁ ଉପଯୁକ୍ତ ତାଲିମ୍ ଦିଆଯିବା ସହ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବ। କେନ୍ଦ୍ରର ପରିସରକୁ ରିମଡେଲିଙ୍ଗ କରାଯିବ। କ୍ୟାମ୍ପସ ସୌନ୍ଦର୍ଯ୍ୟକରଣ ସହ କର୍ମଚାରୀଙ୍କ ଫିଟନେସ ପାଇଁ ଏକ ଓପେନ ଜିମର ବ୍ୟବସ୍ଥା ମଧ୍ୟ କରାଯିବ।

ଏହି ପଦକ୍ଷେପ ଯୋଗୁଁ ସହରବାସୀମାନେ ଉନ୍ନତ ଓ ନିର୍ଭରଯୋଗ୍ୟ ସୁରକ୍ଷା ପାଇପାରିବେ। ଏହି ମଡେଲ ଷ୍ଟେସନଟି ଅନ୍ୟ ଫାୟାର ଷ୍ଟେସନମାନଙ୍କ ପାଇଁ ଏକ ଉଦାହରଣ ଭାବରେ କାର୍ଯ୍ୟ କରିବ। ଓଡ଼ିଶାର ସମସ୍ତ ଅଗ୍ନିଶମ କେନ୍ଦ୍ରର ଅଧିକାରୀମାନେ ଏବଂ ଓଡ଼ିଶା ବାହାରୁ ମଧ୍ୟ ଅନ୍ୟ ବିଭାଗର ଅଫିସର ମାନେ ଚନ୍ଦ୍ରଶେଖରପୁର ଅଗ୍ନିଶମ କେନ୍ଦ୍ର ପରିଦର୍ଶନ କରିବେ ଓ କାର୍ଯ୍ୟ ପ୍ରଣାଳୀ ପ୍ରତି ଅବଗତ ହେବେ। ଏହି ପଦକ୍ଷେପ ଦ୍ୱାରା ଆଧୁନିକ ତାଲିମ ସୁବିଧା ଏବଂ ନୂତନ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା କଷ୍ଟକର ପରିସ୍ଥିତିର ମୁକାବିଲା କରିବା ସହଜ ହେବ। ଏହି ଉନ୍ନତ ସେବା ଯୋଗୁଁ ଆଗାମୀ ଦିନରେ ଅଗ୍ନିଶମ ଓ ଜରୁରୀକାଳୀନ ସେବା ଆହୁରି ସୁସଙ୍ଗଠିତ ଭାବରେ କାର୍ଯ୍ୟ କରିପାରିବ।

# ଜମି ଦେବା ନାଁରେ ୩୮ ଲକ୍ଷ ଟଙ୍କା ଠକେଇ ଘଟଣା : କଟକ ସଦର ଥାନାରେ ବିଲଡ଼ର ଅଟକ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଦୁଇ ଜଣଙ୍କୁ ଜମି ଦେବା ନାଁରେ ୩୮ ଲକ୍ଷ ଟଙ୍କା ଠକେଇ ମାମଲାରେ ଜଣେ ବିଲଡରଙ୍କୁ ପୋଲିସ କଟକ ସଦର ଥାନାରେ ଅଟକ ରଖିଛି। ପୋଲିସରେ ଏ ସମ୍ପର୍କିତ ମାମଲା ରୁଜୁ ହେବା ପରେ ପୋଲିସ ସଂପୃକ୍ତ ବିଲଡରଙ୍କୁ ଡାକି ଅଧିକ ପଚରା ଉଚରା ଜାରି ରଖିଛନ୍ତି । ପୂର୍ବରୁ ମଧ୍ୟ କିଛି ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ବିଲଡରଙ୍କୁ ପୋଲିସ ଥାନାରେ ଅଟକ ରଖି ଠକେଇ ଲିଙ୍କରେ ଜେରା କରୁଛି। ସୂଚନାଯୋଗ୍ୟ ଯେ, ଗତ ୨୦୨୨ ମସିହାରେ ବିଲଡର ଜଣକ ଦୁଇଜଣ ବ୍ୟକ୍ତି ତୁଷାର ରଞ୍ଜନ ଦାସ ଓ ମାନସ ରଞ୍ଜନ ଭୂୟାଁଙ୍କୁ ୨୦୦୦ ସ୍କୋୟାରଫୁଟ୍‌ର ତ୍ରିଶୁଳିଆ ଶ୍ରୀବନ୍ତପୁର ମୌଜାରେ ଘରବାରି ପ୍ଲଟ ବିକ୍ରୟ କରିବା ଓ କବଲା କରାଇଦେବା ପ୍ରତିଶୃତି ଦେଇଥିଲେ। ପରେ ବିଲଡର ଜଣକ ସେ ଦୁଇ ଜଣ ବ୍ୟକ୍ତିଙ୍କୁ ଏକ ୫୦୦୦ ସ୍କୋୟାରଫୁଟ୍‌ର ଜମି ଦେଖାଇ ଗୋଟେ ସ୍କୋୟାରଫୁଟ୍‌କୁ ୧୨୦୦ ଟଙ୍କା ହିସାବରେ ୫୦୦୦ ସ୍କୋୟାରଫୁଟ୍‌କୁ ୬୦ ଲକ୍ଷ ଟଙ୍କା ଚୁକ୍ତି କରିଥିଲେ।

**CORRIGENDUM**

**"PUBLICATION OF REQUEST FOR PROPOSAL (RFP) NOTICE FOR ENGAGEMENT OF AGENCY FOR SWACHH SAMUDRA CORRIDOR: A SANITATION AND ZERO-WASTE MANAGEMENT PROJECT FOR MARINE DRIVE (KONARK–PURI), IN PURI DISTRICT OF ODISHA"**

| SL. No | Existing Text | Revised Text |
|---|---|---|
| 1 | **Eligibility and Submission:** The Bidder shall be a single legal entity, registered in India as a Non-Government Organization (NGO) under the Societies Registration Act, 1860 or the Indian Trusts Act, 1882. Bids from consortia, joint ventures, or associations shall not be permitted. | The Bidder should be a company registered in India under the Companies Act,1956 or 2013 or a Partnership firm registered under the Limited Liability Partnership Act of 2008 or Partnership Act 1932 or a Proprietorship Firm. |

All others term & conditions mentioned in the original notice remain unchanged.

-Sd-
Divisional Forest Officer,
Puri (WL) Division, Puri

OIPR : 8001/9/2526

OFFICE OF THE NOTIFIED AREA COUNCIL, KUCHINDA
**Quotation Call Notice**
**No.216/NAC Date.27-01-2026**

1. Name of the Work for door Municipal : Hiring of Hydraulic Tractor & Trolley /LCV to door collection and transportation of Waste from Households and Non-Households with in Kuchinda NAC.
2. Tender / Quotation Paper Cost: Rs. 10,000.00
3. EMD : Rs.12,000.00
4. Last Date of Sale / download of QCN: Up to 5.30 P.M. of dt. 07.02.2026
5. Last Date of Receipt of Tender : Up to 5.30 P.M. of dt. 07.02.2026
6. Date of Opening :10.00AM of Dt. 09.02.2026

Details can be seen / downloading from the official website of Kuchinda NAC **www.nackuchinda.in** from 10.00 AM on dt. 31.01.2026 to 07.02.2026 up to 5.30 PM.

Sd/- Executive Officer
Notified Area Council, Kuchinda

OIPR-13001/13/2526

ସମ୍ବାଦ କଳିକା

ଭୁବନେଶ୍ୱର
୨ ଫେବୃୟାରୀ,
ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ଉପକୂଳ ସୁରକ୍ଷାରେ ତଟରକ୍ଷୀ ବାହିନୀର ଭୂମିକା ପ୍ରଶଂସନୀୟ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧।୨**

ଭାରତୀୟ ତଟରକ୍ଷୀ ବାହିନୀର ୫୦ତମ ପ୍ରତିଷ୍ଠା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ତଟରକ୍ଷୀ ବାହିନୀର କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କ ସାହସିକତା, ସମର୍ପଣ ଏବଂ ସାମୁଦ୍ରିକ ସୁରକ୍ଷାରେ ସେମାନଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସରେ କହିଥିଲେ ଯେ ଭାରତୀୟ ତଟରକ୍ଷୀ ବାହିନୀ ଦେଶର ଉପକୂଳ ସୁରକ୍ଷାରେ ନିଜକୁ ଏକ ଦୃଢ଼ ଢାଲ ଭାବରେ ପ୍ରତିଷ୍ଠିତ କରିଛି। ସାମୁଦ୍ରିକ ସୁରକ୍ଷା, ବିପର୍ଯ୍ୟୟ ସମୟରେ ଦ୍ରୁତ ପ୍ରତିକ୍ରିୟା ଏବଂ ସାମୁଦ୍ରିକ ପରିସଂସ୍ଥାର ସୁରକ୍ଷା ପ୍ରତି ତଟରକ୍ଷୀ ବାହିନୀର ପ୍ରତିବଦ୍ଧତା ପ୍ରଶଂସନୀୟ। କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ତଟରକ୍ଷୀ ବାହିନୀର କର୍ମଚାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଯେ ଦେଶକୁ ରକ୍ଷା କରିବାକୁ ସର୍ବଦା ପ୍ରସ୍ତୁତ ଥିବା ଭାରତୀୟ ତଟରକ୍ଷୀ ବାହିନୀର ସାହସୀ ସୈନିକମାନେ ହେଉଛନ୍ତି



ଦେଶର ଗର୍ବ। ସେ ଏହାର ପ୍ରତିଷ୍ଠା ଦିବସରେ ବାହିନୀର ସମସ୍ତ କର୍ମଚାରୀଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଭାରତୀୟ ତଟରକ୍ଷୀ ବାହିନୀକୁ ଏହାର ୫୦ତମ ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ସାମୁଦ୍ରିକ ସୁରକ୍ଷା ଏବଂ ସାମୁଦ୍ରିକ ପରିବେଶ ସୁରକ୍ଷାରେ ତଟରକ୍ଷୀ ବାହିନୀର ଭୂମିକା ଅତୁଳନୀୟ। 'ଭୟମ୍ ରକ୍ଷାମଃ' ମୂଳମନ୍ତ୍ର ଉଲ୍ଲେଖ କରି ସେ ସୈନିକଙ୍କ ସାହସ, ତ୍ୟାଗ ଏବଂ ସେବା ମନୋଭାବ ପାଇଁ ରାଷ୍ଟ୍ରର କୃତଜ୍ଞତା ପ୍ରକାଶ କରିଛନ୍ତି।

## ବଡ଼ବିଲରେ ପୁଲିସ ଏନକାଉଣ୍ଟର ଧରାପଡ଼ିଲା ମୋଷ୍ଟ ୱାଣ୍ଟେଡ୍ କ୍ରିମିନାଲ

**କେନ୍ଦୁଝର, ୧।୨ :ନ୍ୟୁଜ୍**

ଗତ କିଛି ଦିନ ତଳେ ବଡ଼ବିଲ ଥାନା ଅଞ୍ଚଳରେ ବ୍ୟାଙ୍କ ଅଫ ମହାରାଷ୍ଟ୍ରରେ ବଡ଼ ଧରଣର ଡକାୟତି ହୋଇଥିଲା। ଯାହାର କେସ୍ ନମ୍ବର ୨୯/୨୬ ଥିଲା। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ସିପୁ କୁମାର ଖସିଯାଇଥିଲା। ସିପୁର ଘର ବିହାର, ପାଟଣା ଜିଲ୍ଲା ପିପରା ଗାଁରେ। ମୋଷ୍ଟ ୱାଣ୍ଟେଡ୍ ଆନ୍ତଃରାଜ୍ୟ ଏହି ସିପୁ ନାଁରେ ଏକାଧିକ ମାମଲା ରହିଛି। ବହୁ ହତ୍ୟା, ବେଆଇନ ଅସ୍ତ୍ରଶସ୍ତ୍ର, ଡକାୟତି ଓ ଜୋର ଜବରଦସ୍ତ ବଟି ଆଦାୟ ଭଳି ସଙ୍ଗୀନ ମାମଲା ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡରେ ରହିଛି।



ଭୁବନେଶ୍ୱର : ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ବିଧାନସଭା ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଓ ଅନ୍ୟମାନେ । (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଖଣ୍ଡଗିରି ନିକଟସ୍ଥ ଶ୍ୟାମପୁର ସ୍ଥିତ ଶ୍ରୀ ମହାଅନନ୍ତ ଜୀଉ ଆଶ୍ରମର ୩୯ତମ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞୋତ୍ସବର ପୂର୍ଣ୍ଣାହୁତି ଦିବସରେ ଭକ୍ତମଣ୍ଡଳୀ ଶ୍ରୀ ଅଭିରାମ ସରସ୍ୱତୀ ଓ ମାତାଜୀଙ୍କୁ ଗୁରୁପୂଜନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ସୁବର୍ଣ୍ଣପୁର ସୁଭଦ୍ରା ଶକ୍ତିମେଳାରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

# ୨୭୬ କୋଟି ଟଙ୍କା ମୂଲ୍ୟର ୫୮ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ୧।୨**
**ନ୍ୟୁଜ୍‌ବ୍ୟୁରୋ**

ସ୍ୱୟଂ ସହାୟକ ଗୋଷ୍ଠୀର ଭଉଣୀମାନେ କେବଳ ଲାଭାର୍ଥୀ ନୁହନ୍ତି, ସେମାନେ ଓଡ଼ିଶା ବିକାଶ ଯାତ୍ରାରେ ଅଂଶୀଦାର। ସେମାନଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଉଦ୍ୟୋଗୀ ମନୋଭାବ ଗ୍ରାମୀଣ ଅର୍ଥନୀତିରେ ପରିବର୍ତ୍ତନ ଆଣିଛି ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁର ଠାରେ ଆୟୋଜିତ ସୁଭଦ୍ରା ଶକ୍ତିମେଳା କାର୍ଯ୍ୟକ୍ରମରେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଖଲିଆପାଲି ସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ସମାଧି ପୀଠ ପରିଦର୍ଶନ କରି ପରିଚାଳନା କମିଟିର ସଦସ୍ୟ ଓ ସାଧୁମାନଙ୍କ ସହିତ ଆଲୋଚନା କରିଥିଲେ।

ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଓଡ଼ିଶାର ସାମାଜିକ ଓ ଆଧ୍ୟାତ୍ମିକ ଚେତନାକୁ ଦିଗ୍‌ଦର୍ଶନ ଦେଇଥିବା ସନ୍ଥକବି ଭୀମ ଭୋଇଙ୍କ ସମ୍ମାନାର୍ଥେ ତାଙ୍କ ସମାଧି ପୀଠର ବ୍ୟାପକ ବିକାଶ କରାଯିବ। ଏଥି ନିମନ୍ତେ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ।

ଏଥି ସହିତ ମୁଖ୍ୟମନ୍ତ୍ରୀ ୬୩୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଘୋଷଣା କରିଥିଲେ। ଏଥିରେ ମାରୁଦାଗୋଛା ଠାରେ ୫୫୭ କୋଟି ଟଙ୍କାରେ ନଦୀଗର୍ଭ ଜଳାଶୟ ନିର୍ମାଣ, ୧୧.୨୩ କୋଟି ଟଙ୍କାରେ ସଂସ୍କୃତି ଭବନ ଠାରେ ଓପନ୍ ଏୟାର ଥିଏଟର ନିର୍ମାଣ, ୨୫.୨୮ କୋଟି ଟଙ୍କାରେ ଗାନ୍ଧୀ ଷ୍ଟାଡିୟମର ନବୀକରଣ, ୪.୨୩ କୋଟି ଟଙ୍କାରେ ବ୍ଲକ୍ ଛକ ଜଙ୍କସନ ରୋଡ୍‌ର ଉନ୍ନତି କରଣ କାର୍ଯ୍ୟ ରହିଛି।

ଆହୁରି ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ଅବସରରେ ୨୭୬ କୋଟି ଟଙ୍କା ମୂଲ୍ୟର ୫୮ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିରେ ୧୭୩ କୋଟି ଟଙ୍କା ବ୍ୟୟରେ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୧୦୩ କୋଟି ଟଙ୍କା ବ୍ୟୟରେ ୩୪ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏସବୁ ପ୍ରକଳ୍ପଗୁଡ଼ିକ ସଡ଼କ, ପାନୀୟ ଜଳ, ଜଳ ସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ବିକାଶ ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ



କହିଛନ୍ତି।

ସୁଭଦ୍ରା ଶକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାର ୧୮୪୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୨୬ କୋଟି ଟଙ୍କାର ସୁଧ-ମୁକ୍ତ ଋଣ ପ୍ରଦାନ କରିଛନ୍ତି। ଏହି ଆର୍ଥିକ ସହାୟତା ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକ ଆହୁରି ମଜବୁତ୍ କରିବ, ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବ ଓ ସେମାନଙ୍କର ଜୀବିକା ବୃଦ୍ଧି କରିବ ବୋଲି ସେ କହିଛନ୍ତି। ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ବିକାଶ ପ୍ରକ୍ରିୟାରେ ସବୁ ବର୍ଗର ଲୋକ ସାମିଲ ହେଉଛନ୍ତି। ଗରିବ, ଆଦିବାସୀ, ମହିଳା ଓ ଯୁବବର୍ଗ ସମସ୍ତଙ୍କର ସଶକ୍ତିକରଣ ହେଉଛି। ବିକାଶ ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ତାହା ଆମେ ସୁନିଶ୍ଚିତ କରୁଛୁ। ଗ୍ରାମାଞ୍ଚଳ ପାଇଁ ଆମେ ରାସ୍ତା, ପାନୀୟ ଜଳ ଯୋଗାଣ, ଜଳ ସେଚନ ଓ ଗୃହ ସୁବିଧାକୁ ଉନ୍ନତ କରୁଛୁ। ସହରାଞ୍ଚଳ ପାଇଁ ଆମେ ନାଗରିକ ସୁବିଧା ଓ ସାର୍ବଜନୀନ ସେବାକୁ ଉନ୍ନତ କରୁଛୁ। ସବୁ ଜିଲ୍ଲାରେ ଆମର ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି। ସୁବର୍ଣ୍ଣପୁର ଜିଲ୍ଲାରେ ୧୦୦୦ କୋଟିରୁ ଅଧିକ ଟଙ୍କାର ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲାରେ କୃଷି, ହସ୍ତତନ୍ତ, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରହିଛି। ଏହି ସମ୍ଭାବନାକୁ ସଦୁପଯୋଗ କରି ଜିଲ୍ଲାରେ ସ୍ଥାୟୀ ସମୃଦ୍ଧି ଆଣିବା ପାଇଁ ଆମ ସରକାର ଉଦ୍ୟମ ଜାରି ରଖିବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା କହିଥିଲେ ଯେ ଆମ ସରକାର ହେଉଛି, ଲୋକଙ୍କ ସରକାର। ଆମ ସରକାର ଆସିବାର ଏହି ଅଳ୍ପ ଦିନ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର କୃଷି, ଜଳସେଚନ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ତତ୍ପର ଅଛନ୍ତି। ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାରେ ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ ୩୦ ପ୍ଲାଟୁନ ଫୋର୍ସ

**ଭୁବନେଶ୍ୱର, ୧।୨**
**ନ୍ୟୁଜ୍‌ବ୍ୟୁରୋ**

ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ କମିଶନରେଟ୍ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ସୁରକ୍ଷା ଦାୟିତ୍ୱରେ ୩୦ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ କରାଯିବା ନେଇ କମିଶନରେଟ୍ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ବ୍ଲୁ ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି କମିଶନରେଟ ପୁଲିସ। ଏଥି ସହ ସୁରକ୍ଷା ଦାୟିତ୍ୱରେ ୪ଜଣ ଡିସିପି, ୫ଜଣ ଅତିରିକ୍ତ ଡିସିପି, ୨୩ ଜଣ ଏସିପି ସମେତ ୩୩ ଜଣ ଇନ୍ସପେକ୍ଟରଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଏହାସହ ଭୁବନେଶ୍ୱର ବିମାନ ବନ୍ଦରରୁ ଲୋକ ଭବନ ଏବଂ ଲୋକ ଭବନରୁ ମେଫେୟାର ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଯାତାୟାତ ପଥ ରହିବ। ଏହି ପଥରେ ରହିଥିବା ଉଚ୍ଚ ଅଟ୍ଟାଳିକା ଗୁଡିକରେ ଜଗିବେ ବନ୍ଧୁକଧାରୀ ପୁଲିସ। ଏହାସହ ସହରର ବିଭିନ୍ନ ସ୍ଥାନରେ ସାଧା ପୋଷାକରେ ପୁଲିସ ଫୋର୍ସ ମୁତୟନ ରହିବା ନେଇ ସୂଚନା ମିଳିଛି।

## ଭଡ଼ାଘରୁ ମିଳିଲା ଅଧ୍ୟାପିକାଙ୍କ ଝୁଲନ୍ତା ମୃତଦେହ

**ଖୋର୍ଦ୍ଧା, ୧।୨ :ନ୍ୟୁଜ୍‌ବ୍ୟୁରୋ**



ଭଡ଼ାଘରୁ ଜଣେ ଅଧ୍ୟାପିକାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପିକା ବର୍ଷା ରାଣୀ ଗଜେନ୍ଦ୍ରଙ୍କ କଲେଜ ପଛ ପଟେ ରହୁଥିବା ଭଡ଼ାଘରୁ ଫ୍ୟାନ୍‌ରେ ଝୁଲନ୍ତା ମୃତଦେହକୁ ବୋଲଗଡ଼ ପୋଲିସ ଉଦ୍ଧାର କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ବନ୍ଦ ଘରୁ ବର୍ଷାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି।


ପ୍ରକାଶ ଅପେକ୍ଷାରେ...

"କଥାକଳିକା"
ଫେବୃୟାରୀ ସଂଖ୍ୟା-୨୦୨୬




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ଚନ୍ଦ୍ରକଳା ନାୟକ, ସୋମା ଚାନ୍ଦ, ସୁନୀତା କର, ବିନୋଦ, ଜ୍ଞାନରଞ୍ଜନ ମହାନ୍ତି, ଉମାକାନ୍ତ ରାଉତ, ପଦ୍ମାଳୟା ପାଢ଼ୀ, ରାଜଲକ୍ଷ୍ମୀ ତ୍ରିପାଠୀ।
**ଅନ୍ୟ ଭାଷାର କଥା :** ଲିଙ୍ଗରାଜ ମହାନ୍ତି, ଅଶୋକ କୁମାର ସା'
**ଯୁବ ମାନସର କଥା :** ଲିପ୍‌ସା ପଟେଲ, ହିମାଂଶୁ ଭୂଷଣ ସାହୁ, ପ୍ରକାଶ ସାହୁ, ସୁଚରିତା ବେହେରା, ମୀନାକ୍ଷୀ ପଣ୍ଡା, ରଞ୍ଜନ ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ଷୋଡ଼ଶ ଆର୍ଥିକ କମିଶନଙ୍କ ସୁପାରିସକୁ ସରକାରଙ୍କ ସ୍ୱୀକୃତି

**ନୂଆଦିଲ୍ଲୀ, ୧।୨**

ରାଜ୍ୟଗୁଡ଼ିକର ଟିକସ ବଣ୍ଟନ ସ୍ତରକୁ ୪୧ ପ୍ରତିଶତରେ ବଜାୟ ରଖିବା ପାଇଁ ଷୋଡ଼ଶ ଅର୍ଥ କମିଶନଙ୍କ ସୁପାରିସକୁ ସରକାର ଗ୍ରହଣ କରିଛନ୍ତି। ରବିବାର ସଂସଦରେ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ର ବଜେଟ ଉପସ୍ଥାପନ କରି କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, 'ସରକାର ଷୋଡ଼ଶ କମିଶନଙ୍କ ୪୧ ପ୍ରତିଶତ ଟିକସ ବଣ୍ଟନ ସୁପାରିସକୁ ଗ୍ରହଣ କରିଛନ୍ତି। କମିଶନଙ୍କ ସୁପାରିସ ଅନୁଯାୟୀ, ମୁଁ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ରାଜ୍ୟମାନଙ୍କୁ ଅର୍ଥ କମିଶନ ଅନୁଦାନ ରୂପେ ମୋଟ ୧.୪ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛି। ସେଥିରେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ କ୍ଷେତ୍ରର ସ୍ଥାନୀୟ ସଂସ୍ଥା ଏବଂ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଅନୁଦାନ ଅନ୍ତର୍ଭୁକ୍ତ।'

ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଆହୁରି ସୂଚାଇଛନ୍ତି ଯେ, କମିଶନ ୧୭ ନଭେମ୍ବର ୨୦୨୫ରେ ରାଷ୍ଟ୍ରପତିଙ୍କ ନିକଟରେ ତାଙ୍କ ରିପୋର୍ଟ ଦାଖଲ କରିଥିଲେ ଏବଂ ସରକାର ସମ୍ବିଧାନର ଧାରା ୨୮୧ ଅନୁଯାୟୀ ସଂସଦରେ କମିଶନଙ୍କ ସୁପାରିଶ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଉପରେ ବ୍ୟାଖ୍ୟାମୂଳକ ସ୍ମାରକପତ୍ର ସହିତ ରିପୋର୍ଟ ଉପସ୍ଥାପନ କରିବେ।

# କେନ୍ଦ୍ର ବଜେଟ୍ ୨୦୨୬ ଓଡ଼ିଶା ପାଇଁ ନିରାଶାଜନକ

**ଭୁବନେଶ୍ୱର, ୧।୨**
**ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ରବିବାର ସଂସଦରେ ଉପସ୍ଥାପିତ ବିଜେଟ୍-୨୦୨୬ ଉପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରତିକ୍ରିୟା ଦେଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍ କରି ଶ୍ରୀ ପଟ୍ଟନାୟକ କହିଛନ୍ତି, ଏହି ବଜେଟ୍ ନେଇ ମୁଁ ମୋର ନିରାଶା ପ୍ରକାଶ କରୁଛି। ବଜେଟରେ ଓଡ଼ିଶା ଏବଂ ରାଜ୍ୟର ଜନସାଧାରଣଙ୍କୁ କୌଣସି ଉଲ୍ଲେଖନୀୟ ଲାଭ ମିଳିନାହିଁ। ଓଡ଼ିଶାବାସୀଙ୍କ ଆଶା ଥିଲା ଯେ ଡବଲ ଇଞ୍ଜିନ୍ ସରକାର ଭିତ୍ତିଭୂମି, ନିଯୁକ୍ତି ସୃଷ୍ଟି ଏବଂ ରାଜ୍ୟ ପାଇଁ ଅତିରିକ୍ତ ଆବଣ୍ଟନ ଉପରେ ଧ୍ୟାନ ଦେଇ ଅଭିବୃଦ୍ଧି ଗତି ପ୍ରଦାନ କରିବ। କିନ୍ତୁ ଏଥିରୁ ରାଜ୍ୟବାସୀଙ୍କୁ ବହୁତ କମ୍ ମିଳିଛି।

ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ କହିଛନ୍ତି, ମୁଁ ଓଡ଼ିଶାରେ ବିରଳ ପୃଥିବୀ କରିଡ଼ର ପ୍ରତିଷ୍ଠା ପ୍ରସ୍ତାବକୁ ସ୍ୱାଗତ କରୁଛି। ଓଡ଼ିଶା ଅନେକ ପ୍ରମୁଖ ଖଣିଜ ପଦାର୍ଥର ଅଗ୍ରଣୀ ଉତ୍ପାଦକ ଏବଂ ଏହାର ସମୃଦ୍ଧ ସମ୍ପଦ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ସର୍ବଦା ଯୋଗଦାନ ଦେବ। ଖଣିଜ ସମୃଦ୍ଧ ଅଞ୍ଚଳ ଏବଂ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହିତ ସଂଯୋଗ କରିବା ପାଇଁ ପୁଣି ଥରେ ଜାତୀୟ ଜଳପଥ ଘୋଷଣା କରାଯାଇଛି। କିନ୍ତୁ ଏହା ଏକ ଦଶନ୍ଧି ପୁରୁଣା ପ୍ରସ୍ତାବ ଯାହା ଭୂମିରେ କୌଣସି ଅଗ୍ରଗତି ନାହିଁ। ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ବଡ଼ ନିରାଶା ଯେ ସହରଗୁଡ଼ିକ ମଧ୍ୟରେ ସାତଟି ହାଇ-



ସ୍ପିଡ୍ ରେଳ କରିଡ଼ରକୁ 'ବୃଦ୍ଧି ସଂଯୋଗକାରୀ' ଭାବରେ ବିକଶିତ କରିବାର ଘୋଷଣାରେ ଓଡ଼ିଶା ସ୍ଥାନ ପାଇନାହିଁ। ଓଡ଼ିଶା ବିଜେପି ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ହଟାଇ ଦେଇଥିଲା ଏବଂ ଲୋକଙ୍କ ଆବଶ୍ୟକତାକୁ ଅଣଦେଖା କରିବା ପୂର୍ବପରି ଜାରି ରହିଛି।

ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ପର୍ଯ୍ୟଟନ କେନ୍ଦ୍ରିକ ବୌଦ୍ଧ ସର୍କିଟ ବିକାଶ ଯୋଜନା ଆମର ହୀରା ତ୍ରିଭୁଜ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ ସ୍ଥଳୀ ଥିବା ସତ୍ତ୍ୱେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ଦେଇଛି। କେନ୍ଦ୍ରୀୟ ବଜେଟର ସମ୍ପୂର୍ଣ୍ଣ ବିବରଣୀରୁ ଦେଖାଯାଉଛି ଯେ, ଓଡ଼ିଶା କେବଳ ଏହାର ପ୍ରାକୃତିକ ସମ୍ପଦ ଛଡ଼ାଇ ନେବା ପାଇଁ ବ୍ୟୟବରାଦ ପାଉଛି ଏବଂ ରାଜ୍ୟର ଲୋକଙ୍କ ସୁବିଧା ପାଇଁ ସମ୍ପଦ ବଣ୍ଟନ କ୍ଷେତ୍ରରେ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ରାଜ୍ୟରେ ବିଜେପି ସରକାର ଓଡ଼ିଶାର ଲୋକଙ୍କ ଦାୟିତ୍ୱ ନେବା ଏବଂ କେନ୍ଦ୍ରରୁ ସେମାନଙ୍କର ନ୍ୟାର୍ଯ୍ୟ ପ୍ରାପ୍ୟ ପାଇବା ନିଶ୍ଚିତ କରିବାର ସମୟ ଆସିଛି। ଓଡ଼ିଶା ଏବଂ ଏହାର ଲୋକମାନେ କେନ୍ଦ୍ରୀୟ ବଜେଟରୁ ଅଧିକରୁ ଅଧିକ ପାଇବାକୁ ଯୋଗ୍ୟ ଅଟନ୍ତି ବୋଲି ନବୀନ କହିଛନ୍ତି।

## କେନ୍ଦ୍ରୀୟ ବଜେଟ ଦିଶାହୀନ, ଦୃଷ୍ଟିହୀନ, ନୀତିହୀନ

**ଭୁବନେଶ୍ୱର, ୧।୨ :ନ୍ୟୁଜ୍‌ବ୍ୟୁରୋ**

ରବିବାର ଭାରତ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍ ଉପସ୍ଥାପନ କରିଛନ୍ତି। ଯୁବକ,ଚାଷୀ, ଗରିବ, ମଧ୍ୟବିତ୍ତଙ୍କ ପାଇଁ ବଜେଟରେ କିଛି ନାହିଁ। ନୀତି ସଂପନ୍ନ ବଜେଟ ହେବା କଥା କିନ୍ତୁ ହେଇନି ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଗତ ବଜେଟର ଲକ୍ଷେ କୋଟି ଟଙ୍କା ଖର୍ଚ୍ଚ କରିପାରି ନାହାନ୍ତି। ଋଣ ଭାର ୧୯୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏବେ ପୁଣି ୧୭.୨ ଲକ୍ଷ କୋଟି ଟଙ୍କାର ଋଣ ନେବେ। ୧୨ ବର୍ଷରେ



ଏମିତି କ'ଣ କଲେ ଋଣ ଭାର କାହିଁକି ବଢ଼ିଲା ବୋଲି ପ୍ରଶ୍ନ କରିଛି କଂଗ୍ରେସ। ଆମ ଉପରେ ଋଣ ଭାର ଭୟଙ୍କର। ଯାହା ଦ୍ୱାର ଯୁବ ପୀଢ଼ି ହତାଶ। ନିଯୁକ୍ତି ସୁଯୋଗ ନାହିଁ। ଭବିଷ୍ୟତ ସଞ୍ଚୟ ନାହିଁ। ଶିକ୍ଷିତ ବେରୋଜଗାରି ବଢ଼ିଛି। ବଜେଟରୁ ଓଡ଼ିଶା କିଛି ପାଉନାହିଁ। ଆମେ ଭାରତ ସରକାରଙ୍କୁ ଖଣି ସହ ବିଭିନ୍ନ ଦିଗରୁ ଆମେ ବହୁତ ସହଯୋଗ କରୁଛୁ। ହେଲେ ପାଉଛୁ ନିରାଶ, ହତାଶ, ପ୍ରତାରଣା। ପୁଞ୍ଜିପତିଙ୍କ ପାଇଁ ଏ ବଜେଟ। ସାଧାରଣ ଲୋକଙ୍କ ପାଇଁ ବଜେଟ ନୁହେଁ। ପ୍ରଦେଶ କଂଗ୍ରେସ ଏହାକୁ ସମ୍ପୂର୍ଣ୍ଣ ନିନ୍ଦା କରୁଛି ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଦାସ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧.୧.୨୦୨୬
୭,୮୩,୭୦୪ ଟଙ୍କା
ସୁନା:- ୦୩ଗ୍ରାମ୍ ୦୦୦ ମିଲିଗ୍ରାମ୍
ରୂପା:-୨୧ ଗ୍ରାମ୍ ୫୦୦ ମିଲିଗ୍ରାମ୍

## ନନ୍ଦନକାନନରେ ୫ ବଉଳା କୁମ୍ଭୀରଙ୍କ ମୃତ୍ୟୁ : କାରଣ ଅସ୍ପଷ୍ଟ



**ଭୁବନେଶ୍ୱର, ୧।୨**
**ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ପ୍ରାଣୀଉଦ୍ୟାନ ନନ୍ଦନ-କାନନରେ ୫ ବଉଳା କୁମ୍ଭୀରଙ୍କ ମୃତ୍ୟୁ ଘଟିଛି। ଜାନୁଆରୀ ୨୩ରୁ ୩୦ ମଧ୍ୟରେ ମୋଟ ୫ କୁମ୍ଭୀରଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ କର୍ତ୍ତୃପକ୍ଷ କୁମ୍ଭୀରଙ୍କ ପୋଷ୍ଟ ମର୍ଟମ କରିଛନ୍ତି। ମତ୍ୟୁର ପ୍ରକୃତ କାରଣ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଶୀଘ୍ର ଓଡ଼ିଶାକୁ ମିଳିବ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍

**ଭୁବନେଶ୍ୱର, ୧।୨**
**ନ୍ୟୁଜ୍‌ବ୍ୟୁରୋ**

ଶୀଘ୍ର ଓଡ଼ିଶାକୁ ମିଳିବ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍। ତେବେ ଭୁବନେଶ୍ୱରରୁ ବେଙ୍ଗାଲୁରୁ, ମୁମ୍ବାଇ, ଦିଲ୍ଲୀ ରୁଟ୍‌ରେ ଏହି ଟ୍ରେନ୍ ଚଳାଇବାକୁ ଦାବି ଉଠିଛି। ଏହି ରୁଟ୍‌ରେ ଯିବା ପାଇଁ ଯାତ୍ରୀ ଚାହିଦା ମଧ୍ୟ ରହିଛି ଯାହାକୁ ଦେଖି ରେଳ ମନ୍ତ୍ରଣାଳୟ ଶୀଘ୍ର ଓଡ଼ିଶା ପାଇଁ ବନ୍ଦେ ସ୍ଲିପର୍ ଟ୍ରେନ୍ ଘୋଷଣା କରିବ ବୋଲି ସୂଚନା ମିଳିଛି। ଆଗାମୀ କେନ୍ଦ୍ର ବଜେଟରେ ୩ଶହ ନୂଆ ଟ୍ରେନ୍ ଚଳାଇବାକୁ ଯୋଜନା ହୋଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏବେ ଓଡ଼ିଶାରେ ଏ ନେଇ ରେଳଯାତ୍ରୀଙ୍କ ମହଲରେ ଆଶା ସଞ୍ଚାର ହୋଇଛି।

ଏହି ୩ଶହ ନୂଆ ଟ୍ରେନ୍ ମଧ୍ୟରେ ଅଧିକାଂଶ ଟ୍ରେନ୍ ବନ୍ଦେ ଭାରତ ଓ ଅମୃତ ଭାରତ ଏକ୍ସପ୍ରେସ୍ ରହିବ। ସେଥିରେ ଓଡ଼ିଶାର ସିଂହ ଭାଗ ରହିବ ବୋଲି ବଳିଷ୍ଠ ଯୁକ୍ତି ରହିଛି। ବିଶେଷ କରି ପୂର୍ବତଟ ରେଳପଥ ଦୀର୍ଘ ଦିନ ହେବ ରେଳ ମନ୍ତ୍ରଣାଳୟକୁ ସର୍ବାଧିକ ମାଲ୍ ପରିବହନ କରି ରେକର୍ଡ କରୁଥିବାରୁ ଏବେ ରାଜ୍ୟକୁ ନୂଆ ବନ୍ଦେ ସ୍ଲିପର, ବନ୍ଦେ ଭାରତ ଓ ଅମୃତ ଭାରତ ମିଳିବାର ସମ୍ଭାବନା ଦେଖାଦେଇଛି।

ସେହିପରି କୋରାପୁଟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଛି। ଏଠାରେ ଦେଓମାଳିଠୁ ଆରମ୍ଭ କରି ଡୁଡୁମା ଜଳପ୍ରପାତ, ଗୁପ୍ତେଶ୍ୱର ଶିବ ମନ୍ଦିର, ବାଲଦା ଗୁମ୍ଫା, ଦାମନଯୋଡ଼ି ଶିଳ୍ପାଞ୍ଚଳ, ସୁନାବେଡ଼ା ମିଗ୍ ବିମାନ କାରଖାନା ରହିଛି। ଏଠାକୁ ଯିବା ପାଇଁ ଦିନକୁ ଦିନ ଯାତ୍ରୀ ଚାହିଦା ବଢୁଥିବା ବେଳେ ଭୁବନେଶ୍ୱରରୁ କୋରାପୁଟକୁ ଏକ ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବାକୁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲା ଯାହା ଆସନ୍ତା ବଜେଟରେ ପୂରଣ ହେବ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ଅନୁରୂପ ଭାବେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୂର୍ବରୁ ବନ୍ଦେ ମେଟ୍ରୋ ଚାଲିବା ସମ୍ପର୍କରେ ସୂଚନା ଦେଇଥିଲେ। ୨୦୨୬ରେ ରାଜ୍ୟରେ ବନ୍ଦେ ମେଟ୍ରୋ ସ୍ୱପ୍ନ ସାକାର ହେବା ପାଇଁ ପଥ ସୁଗମ ହେଉଛି।

ଅପରପକ୍ଷେ ଆଗାମୀ ଦିନରେ ପୁରୀ-କୋଣାର୍କ-ଭୁବନେଶ୍ୱରକୁ ଯୋଡ଼ିବା ପାଇଁ ନୂଆ ରେଳ ରୁଟ୍ କାର୍ଯ୍ୟକ୍ଷମ ହେବ। ସେ ଦିଗରେ କାମ ଆହୁରି ଆଗେଇବ। ଖଡ଼ଗପୁର-ଯାଜପୁର ରୋଡ୍ ଏକ୍ସପ୍ରେସ କେନ୍ଦୁଝରଗଡ଼ ପର୍ଯ୍ୟନ୍ତ ଚାଲିବା, ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ ଓ ହାଓଡ଼ା-ଜନଶତାବ୍ଦୀ ଏକ୍ସପ୍ରେସକୁ ବ୍ରହ୍ମପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ବିଶାଖାପାଟଣା-ହାଇଦ୍ରାବାଦ ଏକ୍ସପ୍ରେସକୁ ଓଡ଼ିଶା ପର୍ଯ୍ୟନ୍ତ ଚଳାଇବାକୁ ଦାବି ହେଉଥିବାରୁ ଆଗାମୀ ବଜେଟରେ ଏ ନେଇ ନିଷ୍ପତ୍ତି ହୋଇପାରେ ବୋଲି ବରିଷ୍ଠ ରେଳ ଅଧିକାରୀ ଆଶା ବ୍ୟକ୍ତ କରିଛନ୍ତି। ବିଶେଷ କରି ଓଡ଼ିଶା ରେଳ ମାନଚିତ୍ରରେ ୩୦ଟି ଯାକ ଜିଲ୍ଲା ଯୋଡ଼ିବାକୁ ରେଳ ମନ୍ତ୍ରଣାଳୟ ପଦକ୍ଷେପ ନେବ। କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର ଓ ଦେବଗଡ଼ ଜିଲ୍ଲାକୁ ରେଳ ସଂଯୋଗ ହେବ ବୋଲି ଚର୍ଚ୍ଚା ଜୋର ଧରିଛି।

## ସାତକୋଶିଆ ଗଣ୍ଡରେ ବଢ଼ିଲା କୁମ୍ଭୀର ସଂଖ୍ୟା : ଅଛନ୍ତି ୮୮ ମଗର, ୨୨ ଘଡ଼ିଆଳ

**ଅନୁଗୁଳ, ୧।୨ :ନ୍ୟୁଜ୍‌ବ୍ୟୁରୋ**

ଅନୁଗୁଳ ଜିଲ୍ଲା ସାତକୋଶିଆର ମହାନଦୀ ଗଣ୍ଡରେ ବଢ଼ିଛି କୁମ୍ଭୀର ସଂଖ୍ୟା। ଗତବର୍ଷ ତୁଳନାରେ ଉଭୟ ଘଡ଼ିଆଳ ଓ ମଗର ସଂଖ୍ୟା ବୃଦ୍ଧି ପାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ମହାନଦୀ ଗଣ୍ଡର ଉତ୍ତମ ବାତାବରଣ କୁମ୍ଭୀର ସଂଖ୍ୟା ବଢ଼ିବାର କାରଣ ବୋଲି କୁହାଯାଇଛି। ଜାନୁଆରୀ ୬ ତାରିଖରୁ କୁମ୍ଭୀର ଗଣନା ଆରମ୍ଭ ହୋଇଥିଲା। ସାତକୋଶିଆ ମହାନଦୀ ଗଣ୍ଡର ପ୍ରାୟ ୨୨ କି.ମି ପର୍ଯ୍ୟନ୍ତ ଏହି ଗଣନା ହୋଇଥିଲା। ଏଥିପାଇଁ ୧୪ଟି ଟିମ୍ ଗଠନ ହୋଇଥିଲା। ପ୍ରାୟ ୭୦ ଜଣ ବନ କର୍ମଚାରୀ, ଗବେଷକ ଏଥିରେ ସାମିଲ ଥିଲେ। ଚଳିତ ବର୍ଷ ମହାନଦୀ ଗଣ୍ଡରେ ୮୮ଟି ମଗର ଥିବା ବେଳେ ୨୨ଟି ବିଲୁପ୍ତ ପ୍ରାୟ ଘଡ଼ିଆଳ କୁମ୍ଭୀର ରହିଥିବା ଜଣାପଡ଼ିଛି। ମୋଟ ୧୦୨ଟି କୁମ୍ଭୀର ଠାବ କରାଯାଇଛି।